## ଉତ୍କଳ ଦିବସରେ ୫୬୦ ଅନ୍ତେବାସୀ ଭୋକଉପାସରେ

# ତଦନ୍ତରେ ସତ୍ୟ ପ୍ରମାଣିତ, କାର୍ଯ୍ୟାନୁଷ୍ଠାନ ଶୂନ

ଗୁଣୁପୁର,୩।୪ (ସମିସ):

ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଭାରସିଂ ଗ୍ରାମରେ ଥିବା ଅନୁସୂଚିତ ଜନଜାତିଓ ଜାତି ଉନ୍ନୟନ ବିଭାଗ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁତର ଅବ୍ୟବସ୍ଥା ପ୍ରକାଶ ପାଇଛି। ଉତ୍କଳ ଦିବସ ଦିନ ୫୬୦ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆ ନଯିବା ଘଟଣା ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ସମ୍ପର୍କରେ ଅଭିଯୋଗ ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅଶିମା ରାଓଙ୍କ ନିର୍ଦ୍ଦେଶରେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ମିଶ୍ର ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ପରେ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ପାଇ ନଥିବା ଘଟଣା ସତ୍ୟ ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି। ଏହି ସମ୍ବେଦନଶୀଳ ଘଟଣା ପରେ ମଙ୍ଗଳ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ

### ବର୍ଷରେ ୫୧ ଛାତ୍ରଛାତ୍ରୀଙ୍କୁ ଟିସି

ଗୁରୁତର ପ୍ରଶ୍ନ ଉଠିଛି ଏବଂ ବିଭାଗ ତୀବ୍ର ସମାଲୋଚନାର ସମ୍ମୁଖୀନ ହେଉଛି। ଅନ୍ୟପଟେ, ୨୦୨୫-୨୬ ଶିକ୍ଷାବର୍ଷରେ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଟିସି ପ୍ରଦାନ କରାଯାଇଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ଏପର୍ଯ୍ୟନ୍ତ ଆଉ କିଛି ଛାତ୍ରଛାତ୍ରୀଙ୍କୁ ଟିସି ଦିଆଯାଇଥିବା ସୂଚନା ମିଳିଛି। କିନ୍ତୁ ଏହି ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ସମୟରେ କେଉଁଠି ଶିକ୍ଷା ଗ୍ରହଣ କରୁଛନ୍ତି କିମ୍ବା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି କ ତାହାର ସଠିକ୍ ତଥ୍ୟ ମିଳୁନାହିଁ। ଏହା ସହିତ, କିଛି ମାସ ପୂର୍ବରୁ ବିଦ୍ୟାଳୟରେ ଅବ୍ୟବସ୍ଥା ନେଇ ଅଭିଭାବକମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉପରେ ତଦନ୍ତ ହୋଇଥିଲେ ମଧ ରିପୋର୍ଟ ଦୀର୍ଘଦିନ ଧରି ଫାଇଲ୍ ମଧ୍ୟରେ ଅଟକି ରହିଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମଧ୍ୟାହ୍ନ ଭୋଜନ ବନ୍ଦ ଘଟଣାରେ ବିଦ୍ୟାଳୟ ସୁପରିଟେଣ୍ଡେଣ୍ଟ ଦେବେନ୍ଦ୍ର କୁମାର ପଣ୍ଡା ସିଆରସିଙ୍କ ନିର୍ଦ୍ଦେଶକୁ ଦାୟୀ କରିଥିଲେ। କିନ୍ତୁ ସିଆରସି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି, ଯାହାରୁ ଘଟଣା ଆହୁରି ସନ୍ଦେହଜନକ ହୋଇପଡ଼ିଛି। ବର୍ତ୍ତମାନ ବିଦ୍ୟାଳୟରେ ୬୨୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ, ସେଥିରୁ ୫୬୦ ଜଣ ଅନ୍ତେବାସୀ। ୧୩ ଜଣ ଶିକ୍ଷକ ଓ କିଛି କର୍ମଚାରୀ ଥିଲେ ମଧ ପ୍ରଶାସନିକ ଅବ୍ୟବସ୍ଥା ନେଇ ଚିନ୍ତା ବଢ଼ିଛି। ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳର ଏହି ବିଦ୍ୟାଳୟରେ ଘଟୁଥିବା ଏଭଳି ଘଟଣା ପିଲାମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଏବେ ମଙ୍ଗଳ ବିଭାଗ କିପରି ପଦକ୍ଷେପ ନେବ, ସେଥିପାଇଁ ସମସ୍ତଙ୍କ ନଜର ରହିଛି।

### ● ପୂର୍ତ୍ତ ବିଭାଗ କର୍ମଚାରୀଙ୍କୁ ଲୁଟ ଘଟଣା

# ମହିଳାଙ୍କ ସମେତ ୫ ଗିରଫ

ରାୟଗଡ,୩।୪(ସମିସ): ରାୟଗଡ଼ାସହର ରିଙ୍ଗ ରୋଡ଼ ସ୍ଥିତ ଫାୟାର ଷ୍ଟେସନ ନିକଟରେ ରହୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିବା ସହ ଲୁଟ ଘଟଣାରେ ରାୟଗଡ଼ା ପୁଲିସ ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ମାନେ ହେଲେ ରାଜେଶ ସେଠୀ ଓରଫ ରାଜା, ରଜନୀରାଣୀ ସେଠୀ ଓରଫ ରୋଜୀ, ଦେବାଶିଷ ପାଢୀ, ଯଶୋବନ୍ତ ନାୟକ ଓରଫ ଜେଶୁ ଓ ହରେଶ ରତ୍ନାଲୁ । ରାୟଗଡା ପୂର୍ତ୍ତ ବିଭାଗରେ କାର୍ଯ୍ୟ କରୁଥିବା ବସନ୍ତ କୁମାର ମିଶ୍ର ଗତ ମାସ ୧୨ ଓ ୧୩ ତାରିଖ ରାତିରେ ଘରେ ଏକୁଟିଆ ଥିବା ବେଳେ ଜଣେ ମହିଳାଙ୍କ ସମେତ ୫ଜଣ ଯୁବକ ହାତରେ ବନ୍ଧୁକ ଛୁରୀ ଆଦି ମାରଣାସ୍ତ୍ର ଧରି ତାଙ୍କ ଘରେ ଜୋର ଜବରଦସ୍ତ ଘରେ ପଶିଥିଲେ। ରାତି ୧୧ଟାରେ ଘରେ ପଶି ସକାଳ ୫ଟା ଯାଏଁ ଦୁବୃତ୍ତ ମାନେ ବସନ୍ତଙ୍କୁ ନିର୍ମମ ଭାବେ ମାରପିଟ କରିଥିଲେ। ଦୁର୍ବୃତ୍ତମାନେ ସୁନା ଚେନ, ମୁଦୀ, ଘରୋଇ ଆସବାପତ୍ର, ବାଇକ୍ ଲୁଟି ନେଇଥିବା ଏବଂ କିଛି ଆସବାବପତ୍ର ଭାଙ୍ଗି ଦେଇଥିବା ନେଇ ଶ୍ରୀ ମିଶ୍ର ଥାନାରେ ଏତଲା ଦେଇଥିଲେ । ଦୁର୍ବୃତ୍ତମାନେ ତାଙ୍କ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ ଫର୍ମ ଦସ୍ତଖତ କରି ନେବା ସହ ବନ୍ଧୁକ ମୁନରେ ତାଙ୍କ ଫୋନ ପେ ଆକାଂଉଣ୍ଟରୁ ୧୧ ହଜାର ଟଙ୍କା ମଧ ଟ୍ରାନ୍ସଫର କରିନେଇଥିଲେ ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ । ୬ ଘଣ୍ଟା ଧରି ଦୁର୍ବୃତ୍ତମାନେ ରାତିରେ ବସନ୍ତଙ୍କୁ ହାତ ଗୋଡ ବାନ୍ଧି ମାରପିଟ କରି ଶାରୀରିକ ଯନ୍ତ୍ରଣା ଦେବା ସହ ଲୁଟ କରିଥିଲେ ଏବଂ ସକାଳୁ ବାହାର ପଟୁ କବାଟ ବନ୍ଦ କରି ଚାଲି ଯାଇଥିଲେ। ସକାଳୁ ଶ୍ରୀ ବସନ୍ତ ଘଣ୍ଟାଏ ଧରି ପାଟି କରିବା ପରେ ସାହି ପଡିଶା ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକ ଚିକିତ୍ସା ପାଇଁ ଆଣିଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିବା ଜଣାପଡିଛି। ସେମାନଙ୍କ ଠାରୁ ଗୋଟିଏ ଗ୍ୟାସ ସିଲିଣ୍ଡର, ଗୋଟଏ ଗ୍ରାଇଣ୍ଡର, ଦୁଇଟି ସାଉଣ୍ଡ ସ୍ପିକର, ରାଇସ କୁକର, ଇଲେକ୍ଟ୍ରିକ କେଟଲି ଏବଂ ଗୋଟିଏ ୱାଟର ବୋତଲ ଜବତ କରିଥିବା ପୁଲିସ ଗଣମାଧ୍ୟମକୁ ପ୍ରେସବାର୍ତ୍ତାରେ ସୂଚନା ଦେଇଛି। ଗିରଫ ବ୍ୟକ୍ତିଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ନେଇ ରାୟଗଡ ଥାନା ଆଇଆଇସି ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି । ଉକ୍ତ ମାମଲାକୁ ରାୟଗଡ଼ା ଥାନା ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଅଜିତ ପରିଡା ତଦନ୍ତକାରୀ ଅଧିକାରୀ ଭାବେ ତଦନ୍ତ କରି ଘଟଣାର ଫର୍ଦ୍ଦାଫାସ କରିଥିଲେ।

# ଆଦିବାସୀ ସଂସ୍କୃତି ଭବନର ଶିଳାନ୍ୟାସ



ଉମରକୋଟ,୩।୪(ସମିସ):

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ମେନ୍ଧାବେଡ଼ାଠାରେ ନିର୍ମାଣ ହେବାକୁ ଥିବା ଆଦିବାସୀ ସଂସ୍କୃତି ଭବନର ଶିଳାନ୍ୟାସ କରିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ୫୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯିବ। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ସମଗ୍ର ଓଡ଼ିଶାରେ ୧୨୧ଟି ଆଦିବାସୀ ବହୁଳ ବ୍ଲକ୍‌ରେ ଏପରି ସାଂସ୍କୃତିକ ଭବନ ନିର୍ମାଣ କରାଯିବ। ପାପଡ଼ାହାଣ୍ଡିଠାରେ ଏକ ଆଦିବାସୀ ଅଡିଟୋରିୟମ ନିର୍ମାଣ ପାଇଁ ମଧ ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ରାଜ୍ୟ ଭାଜପା ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲଛମନ ମାଝୀ, ଜିଲ୍ଲା ଆଦିବାସୀ ମହାସଂଘର ଜିଲ୍ଲା ସଭାପତି ଘନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗଣ୍ଡ ସମାଜ, ଭତ୍ରା ସମାଜ, ରାଜଗଣ୍ଡ ସମାଜ, କୁଇ ସମାଜ, ପରଜା ସମାଜ, କୋଣ୍ଡାଦୋରା ସମାଜ ଭଳି ଅନେକ ସମାଜର ଜନଜାତି ବର୍ଗର ହଜାର ହଜାର ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ବୁଧବାର ହାଟପଡ଼ାରୁ ଖୁଟୁଗୁଡ଼ା ରାସ୍ତା, କୁର୍ଶୀ ଜୁନାପାଣି ରାସ୍ତା, ଦଳାଙ୍ଗପଡ଼ା ମତେସାହି, ବନିପଦର କୋଇଲୁପଡ଼ା, କେରିପଦର ନାଗରାଛରା ୫ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୁର୍ସି ଉଚ୍ଚ ବିଦ୍ୟାଳୟ ପରିସରରେ ୩ କୋଟି ଟଙ୍କା ବ୍ୟୟରେ ଛାତ୍ରାବାସ ନିର୍ମାଣ ପାଇଁ ଗଣଶିକ୍ଷା ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଓଡ଼ିଆ ପକ୍ଷ, ଉତ୍କଳ ଦିବସ ପାଳନ



ସେମିଳିଗୁଡ଼ା, ୩।୪ (ସମିସ): ସେମିଳିଗୁଡାର ବୁଦ୍ଧିଜୀବୀମାନେ ପ୍ରେସ୍ କ୍ଲବର ଇ ଲାଇବ୍ରେରୀଠାରେ ମିଳିତ ଭାବରେ ଉତ୍କଳ ଦିବସ ଓ ଓଡିଆ ପକ୍ଷ ପାଳନ କରିଛନ୍ତି। ସମସ୍ତ ଅତିଥି ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହାପରେ ଓଡିଶାର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଡକ୍ଟର ଅଶୋକ ମହାନ୍ତି ଓଡିଶାର ଇତିହାସ ନେଇ ଆଲୋକପାତ କରିଥିଲେ। ସମାଜସେବୀ ତଥା ବିଜେପି ନେତ୍ରୀ ସ୍ନିଗ୍ଧାରାଣୀ ମିଶ୍ର ଓଡିଆ ପକ୍ଷ ଉପରେ କହିଥିଲେ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ସମସ୍ତେ ଏଥିରେ ସାମିଲ ହୋଇ ଓଡିଆ ଅସ୍ମିତା, ଓଡିଶାର ପରମ୍ପରା, ସଂସ୍କୃତିକୁ ସମ୍ମାନ ଦେବାପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତେ ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିରୁଦ୍ଧ ଜେନା, ଉମେଶ୍ୱର ଲାଲ, ବସନ୍ତ ସାହୁ, ଅଲେଖ ଚନ୍ଦ୍ର ଦାସ, ସଂଜୁ ମହାରଣା, ସେମିଳିଗୁଡା ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଝାନସୀ ସିଂ,ରାଜୀବ ନାୟକ, ସୁଧାଂଶୁ ଶେଖର ବିଶୋୟୀ, ସ୍ୱସ୍ତିକ ମିଶ୍ର, ମନୋଜ ସାହାଣୀ,କାଲା,ଜ୍ଞାନେନ୍ଦ୍ର ନାୟକ, ଗଣେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଓଡିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ପ୍ରୟାସ କରିବେ ବୋଲି ଶପଥ ନେଇଥିଲେ।

# ୯ ଶ୍ରେଣୀର ଛାତ୍ରଛାତ୍ରୀ ୨ଶ୍ରେଣୀ କକ୍ଷରେ ପାଠ ପଢିବା ଘଟଣା

କୋଷାଗୁମୁଡା,୩।୪(ସମିସ):



ଓଡ଼ିଶାର ଶେଷ ସୀମାରେ ୧୯୬୦ମସିହାରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ମାଝୀ ଧନୁଆ ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ସୀମାନ୍ତ ଛତିଶଗଡ଼ ରାଜ୍ୟ ସୀମାରେ ଥିବା ଭଇଁସା ବେଡାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ପ୍ରାୟ ୯୩ ଡେସିମିଲ ଜାଗା ମଧ୍ୟରେ ବିଦ୍ୟାଳୟର ପୁରୁଣା ଶ୍ରେଣୀ ଗୃହ, କାର୍ଯ୍ୟାଳୟ, ଛାତ୍ରାବାସ ଥିବାବେଳେ ଆଉ ଅଧା ଜାଗାରେ ବଗିଚା ଓ ଖେଳ ପଡିଆ ରହିଛି। ଏହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭଇଁସା ବେଡାରେ ବାଲବାଟିକାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୯୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ଥିବାବେଳେ କେବଳ ଦୁଇଟା ଶ୍ରେଣୀ ଗୃହରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ପାଠ ପଢୁଥିବାକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ନେଇ ବିଗତ ୩୦ ମାର୍ଚ୍ଚରେ ଖବର ପ୍ରକାଶ ହୋଇଥିଲା। ଖବର ପ୍ରକାଶ ପରେ ସ୍ଥାନୀୟ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟରେ ପରିଦର୍ଶନ ସହ ଅତିରିକ୍ତ ଶ୍ରେଣୀଗୃହ ଓ ପାଇଖାନା ନିର୍ମାଣ ପାଇଁ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିଙ୍କୁ କହିବା ସହ ଆଲୋଚନା କରିଛନ୍ତି। ଯଥାଶୀଘ୍ର ଅତିରିକ୍ତ ଶ୍ରେଣୀ ଗୃହ ଓ ପାଇଖାନା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଏପଟେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଗୃହ ମରାମତି କାର୍ଯ୍ୟ ପଞ୍ଚାୟତ ପକ୍ଷରୁ ଆରମ୍ଭ ହୋଇଛି। ବର୍ତ୍ତମାନ ଭଇଁସା ବେଡାର ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସ୍ଥାନୀୟ ଲୋକେ 'ସକାଳ'କୁ କୃତଜ୍ଞତା ଜଣାଇଛନ୍ତି।

## ଜାଲ୍ ସାର୍ଟିଫିକେଟ ଦେଇ ଅଙ୍ଗନବାଡି ସହାୟିକା ନିଯୁକ୍ତି ଅଭିଯୋଗ

କୋରାପୁଟ,୩।୪(ସମିସ): ବୋରିଗୁମ୍ମା ବ୍ଲକର କଦମଗୁଡା ଅଙ୍ଗନବାଡି କେନ୍ଦ୍ରରେ ନବ ନିଯୁକ୍ତ ସହାୟିକା ଜାଲ ଜାତିଗତ ଓ ଶିକ୍ଷାଗତ ପ୍ରମାଣପତ୍ର ଦେଇ ଚାକିରି ହାତେଇ ଥିବା ଅଭିଯୋଗ ହୋଇଛି। ନିଯୁକ୍ତିରୁ ବଞ୍ଚିତ ପ୍ରାର୍ଥୀନୀ ସଙ୍ଗୀତା ହରିଜନ ସପରିବାର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଅଭିଯୋଗ କରିଛନ୍ତି। କଦମଗୁଡା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ପଦବୀ ନିମନ୍ତେ ସଙ୍ଗୀତା ହରିଜନ ଏବଂ ବିମଳା ଗୋଲରୀ ଆବେଦନ କରିଥିଲେ। ଏହି ପଦବୀରେ ବିମଳା ଗୋଲରୀଙ୍କୁ ନିଯୁକ୍ତ କରାଯାଇଛି। ବିମଳା ଗୋଲରୀ ଜାତି ଏବଂ ଯୁକ୍ତ ଦୁଇର ଜାଲ ପ୍ରମାଣପତ୍ର ଦେଇ ଚାକିରି ପାଇଥିବା ସଙ୍ଗୀତା ଅଭିଯୋଗ କରିଛନ୍ତି। ତଦନ୍ତ କରି ସଙ୍ଗୀତା ହରିଜନଙ୍କୁ ନିଯୁକ୍ତି ଦେବାକୁ ଅନୁରୋଧ କରିଛନ୍ତି।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ 'ଆମ ପୋଷାକ, ଆମ ପରିଚୟ' କାର୍ଯ୍ୟକ୍ରମ

ମାଲକାନଗିରି,୩।୪(ସମିସ): ମାଲକାନଗିରି ଜିଲ୍ଲା ସଦରରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ "ଆମ ପୋଷାକ, ଆମ ପରିଚୟ" ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ପାରମ୍ପରିକ ପୋଷାକର ଗୁରୁତ୍ୱ, ଆମ ସଂସ୍କୃତି ସହ ତାହାର ଅଭିନ୍ନ ସମ୍ପର୍କ ଓ ନୂତନ ପିଢ଼ୀ ମଧ୍ୟରେ ଏହା ପ୍ରତି ସଚେତନତା ସୃଷ୍ଟି କରିବା। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡ. ଆଲୋକ କୁମାର ପାତ୍ର ମଞ୍ଚରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ତାଙ୍କ ଅଭିଭାଷଣରେ ସେ କହିଥିଲେ ଯେ, ପୋଷାକ କେବଳ ଦେହ ଆବରଣ ନୁହେଁ, ଏହା ଆମ ସଂସ୍କୃତି, ପରମ୍ପରା ଓ ଆମ ପରିଚୟର ଏକ ମୂଲ୍ୟବାନ ପ୍ରତୀକ। ଆଜିର ଆଧୁନିକ ଯୁଗରେ ଯେଉଁଠାରେ ପଶ୍ଚିମାଞ୍ଚଳୀୟ ପ୍ରଭାବ ବଢ଼ୁଛି, ସେଠାରେ ଆମ ନିଜସ୍ୱ ପରମ୍ପରାଗତ ପୋଷାକକୁ ଅତୁଟ ରଖିବା ଆବଶ୍ୟକ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟାପକ ଡ଼. ପ୍ରସନ୍ନ କୁମାର ବରାଳ, ଡ଼. ହିମାଂଶୁ ଶେଖର ସାହୁ, ପରୀକ୍ଷା ନିୟନ୍ତ୍ରକ ଡ଼. ରତ୍ନାକର ପରିଡା ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ସେମାନେ ପୋଷାକ ମାଧ୍ୟମରେ ଜାତିୟ ଏକତା, ସଂସ୍କୃତିର ସୁରକ୍ଷା ଓ ଆତ୍ମପରିଚୟର ଗଠନ ବିଷୟରେ ଆଲୋଚନା କରିଥିଲେ। ପାଠଚକ୍ର ସଂଯୋଜକ ପ୍ରିତମ କୁମାର ମହଲା, କଳ୍ପନା ଦଳେଇ, ଡ଼. ଚିନ୍ମୟ ମହାନନ୍ଦ ଓ ଡ଼. ଦେବାଶିଷ ପାହି ମଞ୍ଚରେ ଉପସ୍ଥିତ ଥିଲେ ଏବଂ ତାଙ୍କର ମତାମତ ମାଧ୍ୟମରେ କାର୍ଯ୍ୟକ୍ରମକୁ ଅଧିକ ସାରଗର୍ଭିତ କରିଥିଲେ। ଏହି ଅନୁଷ୍ଠାନର ଲିପିକା ଦାସ ଓ ଗୁରୁପ୍ରସାଦ ଲେଙ୍କା



ଆଲୋଚନାରେ ଯୋଗଦେଇ ପୋଷାକର ଐତିହାସିକ ପରିପ୍ରେକ୍ଷ୍ୟ, ସାମାଜିକ ପ୍ରଭାବ ଓ ଏହାର ଆଧୁନିକ ପରିବର୍ତ୍ତନ ଉପରେ ଆଲୋକ ପାତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପୂଜା ମହାପାତ୍ର ଓ ସୌଦାଗର ସିଂ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ପାରମ୍ପରିକ ପୋଷାକ ପିନ୍ଧି ଯୋଗଦେଇଥିଲେ, ଯାହା ଅନୁଷ୍ଠାନକୁ ଅଧିକ ଆକର୍ଷଣୀୟ କରିଥିଲା। ସେମାନେ ନିଜ ନିଜ ସଂସ୍କୃତି ଓ ପରମ୍ପରା ପ୍ରତି ଗର୍ବ ବୋଧ କରିଥିଲେ ଏବଂ ଏହାକୁ ଅତୁଟ ରଖିବାର ସଂକଳ୍ପ ନେଇଥିଲେ।

# 'ଗୁଡ୍ ଫ୍ରାଇଡେ'ରେ ରକ୍ତଦାନ ଶିବିର



ପୋଡ଼ାଗଡ଼, ୩।୪(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଆଞ୍ଚଳିକ କେନ୍ଦ୍ରରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତ ଦାନ ଶିବିର ଖ୍ରୀଷ୍ଟୀୟ ସମାଜ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଭାବରେ ପରଜା ସୁକୁ ପ୍ରଧାନ ମଣ୍ଡଳୀର ପରିଚାଳକ ସମେତ ପୋଡ଼ାଗଡ ପାଷ୍ଟର ରେବ ରଶ୍ମି ରଂଜନ ଲିମା, ବଙ୍ଗଳା ଗୁଡା ପାଷ୍ଟର ରେବ ସନ୍ତନୁ କୁମାର ସୁନା , ପାଷ୍ଟର ରେବ ହସିଅ ଭତ୍ରା, ପାଷ୍ଟର ପ୍ରମୋଦ କଚ ପ୍ରମୁଖଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏହି ଶିବିର ଆୟୋଜକ କମିଟି କର୍ମକର୍ତ୍ତା ହେଲେ ସଭାପତି ମହିନ୍ଦ୍ର କୁଲଦୀପ ଅନିଲ କୁମାର କନ୍ଦ ପାନ, ଅରୁଣ ରଥିନିନୟକ, ସୁନାମ ପାତ୍ର କନ୍ଦପାନ, ବରିଷ୍ଠ ସାମ୍ବାଦିକ ଜୁଲି ଏସ ଖରା । ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶୁଭ ଶୁକ୍ରବାର ବା ଗୁଡ ଫ୍ରାଇଡେରେ ଜନ ସଚେତନତା। ରକ୍ତଦାନ ଶିବିରରେ ଦଶମନ୍ତପୁର କୋର୍ଟର କିରାଣୀ ଗିରିଧର ମହାନ୍ତି ପ୍ରଥମେ ରକ୍ତ ଦାନ କରି ଅନ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଲୋକ ରକ୍ତଦାନ କରିଥିଲେ। ର ସନ୍ତଶ ବିଶଇ, ଗୁପ୍ତ ବିଶଇ, ଲୁଲୁ ସିଂଙ୍କ ସମେତ ଅନେକ ଯୁବକ ଯୁବତୀ ରକ୍ତ ଦାନ କରିଥିଲେ। ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ମୁକ୍ତିଲାଭ କଲା ଚଳଚ୍ଚିତ୍ର 'ଅଧିକାର'

ନବରଙ୍ଗପୁର,୩।୪(ସମିସ): ମାନବ ଅଧିକାର ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ଅଧିକାର' ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରକୁ ନବରଙ୍ଗପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ପରିକଳ୍ପନା ଏବଂ ନିର୍ଦ୍ଦେଶନା ଦେଇଥିବା ବେଳେ ଚିତ୍ରନାଟ୍ୟ, କାହାଣୀ ତଥା ସଂଳାପ ଲେଖିଛନ୍ତି ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଏବଂ ସମ୍ପାଦନା କରିଛନ୍ତି ଚନ୍ଦନ ବାହାଦୁର। ନବରଙ୍ଗପୁର ଏ. କାମେଶ୍ୱର ରାଓ (କାମି)ଙ୍କ ନେତୃତ୍ୱରେ ଜୟ ଜଗନ୍ନାଥ ଷ୍ଟୁଡିଓର କର୍ମକର୍ତ୍ତା ଏହି ଚଳଚ୍ଚିତ୍ରରେ କେମେରା ପରିଚାଳନା କରିଥିଲେ। ବିଭିନ୍ନ ଭୂମିକାରେ ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ଦ୍ଦେଶକ ବିଶ୍ୱଜିତ ଚନ୍ଦ୍ର ବର୍ମନ, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବରିଷ୍ଠ କଳାକାର ସଂଜୀବ ସିଂ, ତୁଷାର କାନ୍ତି ଖୋସୋଲା, ପ୍ରକାଶ ଚନ୍ଦ୍ର ବାରିକ, ଶିବଶଙ୍କର ପାଢୀ, ଶିବ ଶଙ୍କର ତ୍ରିପାଠୀ, ନିର୍ମଳ ସାହୁ , ସୟମ ସାରଥି ସିଂ, ରୋଶନ ଲିମା , ସତ୍ୟପ୍ରକାଶ ଖଣ୍ଡୱାଲ, କିଷାନ ଲିମା, ତୁଫାନ ଶର୍ଦାର ଏବଂ ଲକ୍ଷ୍ମୀ ସିଂ ପ୍ରମୁଖ ଅଭିନୟ କରିଥିବା ସୂଚନା ମିଳିଛି। ଏଥି ସହିତ ଏହି ଚଳଚିତ୍ର ନିର୍ମାଣରେ ନବରଙ୍ଗପୁର ସଦର ଥାନା ଅଧିକାରୀ ସଂବିତ ବେହେରା ହିମାଂଶୁ ପଟନାୟକ, ହରିଶ ବେହେରା, ନବରଙ୍ଗପୁର ଜିଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସହଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ଚଳଚ୍ଚିତ୍ର ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୁଟିଂ ହୋଇଛି ଏବଂ ଓଡ଼ିଆ ଭାଷା ସମେତ ଆଞ୍ଚଳିକ ଭାଷାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଜନ ଜାଗରଣ ଉଦ୍ଦେଶ୍ୟରେ ନିର୍ମିତ ଏହି ଚଳଚ୍ଚିତ୍ର ଜନାଦୃତ ହୋଇପାରିବ ବୋଲି ଚଳଚ୍ଚିତ୍ର ର ସମସ୍ତ ସଭ୍ୟ ସଭ୍ୟା ଆଶାବ୍ୟକ୍ତ କରିଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି।



# ପଣା ସଂକ୍ରାନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ପାପଡାହାଣ୍ଡି,୩।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପରିସରଠାରେ ପଣାସଂକ୍ରାନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧୬ ତାରିଖରେ ପଣାସଂକ୍ରାନ୍ତି ଦିବସରେ ସକାଳୁ ହନୁମାନ ମନ୍ଦିର ଠାରେ ନୀତିକାନ୍ତି ହେବା, ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ପାଇଁ ଧାଡ଼ି ବ୍ୟବସ୍ଥା, ସଂକ୍ରାନ୍ତି ପୂର୍ବର ଗ୍ରାମ ରାସ୍ତା କଡ଼ରେ ଗୌରିକ ପତକା ସହ ଭଗବାନ ଫୋଟ ଚିତ୍ର ଲଗେଇବା, ସଂକ୍ରାନ୍ତରେ ଗାଁରେ ଆମିଷ ବିକ୍ରି ବନ୍ଦ କରିବା ଓ ଗ୍ରାମ ରେ ଭଗବାନ ରଥ ପରିକ୍ରମା ସମୟରେ ସମସ୍ତ ଦୋକାନ ବଜାର ବନ୍ଦ କରିବା ସହ ସମସ୍ତେ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇ ଅନୁରୋଧ କରାଯାଇଛି। ୪ଟି କୀର୍ତ୍ତନ ଦଳ, ପାରମ୍ପରିକ ବାଦ୍ୟ ନୃତ୍ୟ ଦଳ, ଅପରାହ୍ଣ ୪ଟା ସମୟରେ ସୁସଜିତ ରଥରେ ଭଗବାନଙ୍କ ଫଟୋ ଚିତ୍ର କରି ଗ୍ରାମ ପରିକ୍ରମା କରିବା ପାଇଁ ନିଷ୍ପତି ହୋଇଥିଲା। ବୈଠକରେ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ପୂର୍ବତନ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ବିଜୟ ବିଷୋୟୀ, ମନୋଜ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ରାଜକିଶୋର ରାଓ, ଶଶୀ ମୋହନ ଶର୍ମା, ଜଗନ୍ନାଥ ନାୟକ, ନୀଳକଣ୍ଠ ତ୍ରିପାଠୀ, ସନ୍ତୋଷ ରାଓ, ମହେନ୍ଦ୍ର ବିଷୋୟୀ ଗୌରୀ ଶଙ୍କର ଶର୍ମା, ଏନ. ସନ୍ତୋଷ ରାଓ, ଗଣପତି ନାଇଡୁଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୬ ସହିଦ ପୁଲିସ କର୍ମଚାରୀଙ୍କ ପରିବାରକୁ ଭେଟି ଶ୍ରଦ୍ଧାଞ୍ଜଳି ଜଣାଇଲା ପୁଲିସ













ରାୟଗଡ଼,୩।୪(ସମିସ): ୯୧ତମ ଓଡ଼ିଶା ପୁଲିସ ଗଠନ ଦିବସ ପାଳନ ଅବସରରେ ରାୟଗଡା ଜିଲ୍ଲା ପୁଲିସ ପକ୍ଷର ଜିଲ୍ଲାର ସାହସୀ ପୁଲିସ ସହିଦମାନଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କୁ ଭେଟି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୯୮ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୪ବର୍ଷ ମଧ୍ୟରେ ମାଓବାଦୀଙ୍କ ଆକ୍ରମଣରେ ରାୟଗଡ଼ା ଜିଲ୍ଲାର ହାବିଲଦାର ଧନମାଳୀ ନାଗ, ସହାୟକ ଡ୍ରାଇଭର କେ. ପ୍ରହଲ୍ଲାଦ ରେଡ୍ଡୀ, ଗ୍ରାମରକ୍ଷୀ ସୁବାଷ ଚନ୍ଦ୍ର ବେହେରା, ଏସପିଓ ଆନନ୍ଦ ମଣ୍ଡାଙ୍ଗି, କନେଷ୍ଟବଳ ସଞ୍ଜୟ ମାଝୀ, ଗ୍ରାମରକ୍ଷୀ ସନ୍ତୋଷ ଦଣ୍ଡସେନା ୬ ପୁଲିସ କର୍ମଚାରୀମାନେ ପ୍ରାଣବଳି ଦେଇଛନ୍ତି। ଏହି ସହିଦମାନେ ବିଭିନ୍ନ ସମୟରେ ବିଭିନ୍ନ ମାଓ ଆକ୍ରମଣରେ ସେମାନଙ୍କର ଅମୂଲ୍ୟ ଜୀବନର ସର୍ବୋଚ୍ଚ ବଳିଦାନ ଦେଇଥିଲେ। ଏହି ଅଞ୍ଚଳର ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିଥିଲେ। ପରିଦର୍ଶନ ସମୟରେ, ପୁଲିସ ଟିମ ସହିଦଙ୍କ ପରିବାର ସଦସ୍ୟମାନଙ୍କ ସହିତ ଘନିଷ୍ଠ ଭାବରେ ଆଲୋଚନା କରିଥିଲେ। ପୁଲିସ ଅଧିକାରୀମାନେ ପରିବାରବର୍ଗଙ୍କୁ ବିଭାଗ ପକ୍ଷରୁ ନିରନ୍ତର ସମର୍ଥନ ଏବଂ ସହଯୋଗର ଆଶ୍ୱାସନା ଦେଇଥିଲେ। ସହିଦଙ୍କ ବଳିଦାନକୁ ସର୍ବଦା ମନେ ରଖାଯିବ ଏବଂ ସମ୍ମାନିତ କରାଯିବ ବୋଲି ଗୁରୁତ୍ୱାରୋପ କରିଥିଲେ। ସହିଦଙ୍କ ପରିବାରର କଲ୍ୟାଣ ଏବଂ ଜିଲ୍ଲାରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲୁ ବୋଲି ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି।

# ରାସ୍ତା କାମ ବିଳମ୍ବ, ବଢୁଛି ଅସନ୍ତୋଷ



## ନିମ୍ନମାନର କାମ ନେଇ ଗ୍ରାମବାସୀଙ୍କ ଅଭିଯୋଗ

ମୁନିଗୁଡ଼ା/ଆମ୍ବଦଳା,୩।୪(ସମିସ): ରାୟଗଡା ଜିଲ୍ଲା ଅମ୍ବାଦଳା ଭାବାନୀପାଟଣା ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଭାୟା ବାଘଡ଼ଙ୍ଗରି ଦେଇ କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ପର୍ଯ୍ୟନ୍ତ ଚାଲିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା କାମକୁ ନେଇ ଏବେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରାୟ ମାସେ ହେଲାଣି କାମ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସରିବାର ନାଁ ନେଉ ନାହିଁ। ଏହି ରାସ୍ତା ଉପରେ ବିଶ୍ୱନାଥପୁର ଅଞ୍ଚଳବାସୀଙ୍କ ଜୀବନଜୀବିକା ନିର୍ଭର କରୁଥିବା ବେଳେ ଅମ୍ବାଦଳାର ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ମଧ୍ୟ କଲେଜ, ଆଦର୍ଶ ବିଦ୍ୟାଳୟ ଓ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଏହି ରାସ୍ତାକୁ ଦୈନିକ ଭାବେ ବ୍ୟବହାର କରୁଛନ୍ତି। ନିତିଦିନିଆ କାର୍ଯ୍ୟରୁ ଆରମ୍ଭ କରି ଜରୁରୀ ସେବା ପର୍ଯ୍ୟନ୍ତ ସମସ୍ତ କାମ ପାଇଁ ଏହା ଏକ ପ୍ରମୁଖ ସଂଯୋଗ ସୂତ୍ର। କିନ୍ତୁ ବିଡମ୍ବନାର ବିଷୟ, ଚାଲୁଥିବା ରାସ୍ତା କାମ ନିମ୍ନମାନର ହେଉଥିବା ସହ ଅତ୍ୟଧିକ ବିଳମ୍ବ ଯୋଗୁଁ ଲୋକମାନେ ନାନାପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀମାନେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ବହୁତ ଅସୁବିଧା ଭୋଗୁଛନ୍ତି। ରାସ୍ତାରେ ପଥର ଗୁଣ୍ଡ ଓ ମାଟି ପକାଯାଇଥିଲେ ସୁଦ୍ଧା ନିୟମିତ ଭାବେ ପାଣି ସିଞ୍ଚନ କରାଯାଉ ନଥିବାରୁ ଧୂଳି ଉଡି ଲୋକମାନଙ୍କ ଜୀବନକୁ ଦୁର୍ବିସହ କରୁଛି। ଏହା ଯାତ୍ରୀମାନଙ୍କ ସହ ରାସ୍ତା ପାଖରେ ରହୁଥିବା ଲୋକଙ୍କ ପାଇଁ ମଧ୍ୟ ବିପଦ୍‌ଜନକ ପରିସ୍ଥିତି ସୃଷ୍ଟି କରୁଛି। ଅନ୍ୟପଟେ, କାମ ଚାଲିଥିବା ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସାଂସଦ ପ୍ରତିନିଧି ରାଜନୀକାନ୍ତ ପୋଡ଼ାଲଙ୍କ ସମେତ ଗ୍ରାମବାସୀ ସୀମାଞ୍ଚଳ ରଣା, ଭଗବାନ ପୁଞ୍ଜି, ତ୍ରିଲୋଚନ ବାଗ, ପୁରେନ୍ଦ୍ର ଗୌଡ଼ଙ୍କ ଅଭିଯୋଗ ଅନୁସାରେ, ଅଧିକାରୀଙ୍କ ନିରୀକ୍ଷଣ ଅଭାବରୁ ଠିକାଦାର ମନଇଚ୍ଛା ନିମ୍ନମାନର କାମ କରୁଛନ୍ତି ଓ କାମରେ ମନମୁଖୀ ପ୍ରଦର୍ଶନ କରୁଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯାଉଥିଲେ ସୁଦ୍ଧା କୌଣସି ପ୍ରଭାବ ପଡୁନାହିଁ। ଅଧିକାରୀଙ୍କ ଏହି ନୀରବତା ଠିକାଦାରଙ୍କୁ ଅଧିକ ସୁବିଧା ଯୋଗାଇଦେଉଛି ବୋଲି ଗ୍ରାମବାସୀମାନେ କହିଛନ୍ତି। ଏହି ପରିସ୍ଥିତିରେ ଶୀଘ୍ର ରାସ୍ତା କାମ ସମାପ୍ତ କରିବା ସହ ଉଚ୍ଚମାନର କାମ କରାଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ସତର୍କ କରିଛନ୍ତି।

## ଅଟକି ରହିଛି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ

# ଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀଙ୍କ ଦାବି



ମୁନିଗୁଡା,୩।୪(ସମିସ): ଅମ୍ବାଦଳାର ପ୍ରସିଦ୍ଧ ଦଧିବାମାନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠାକୁ ନେଇ ଅଞ୍ଚଳରେ ଏବେ ଚର୍ଚ୍ଚା ଜୋର ଧରିଛି। ଦୀର୍ଘ ବର୍ଷ ଧରି ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ପ୍ରତିଷ୍ଠା ନହେବାରୁ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ସ୍ଥାନୀୟ ଲୋକ ମାନଙ୍କ ଅଭିଯୋଗ ଅନୁସାରେ, କିଛି ବ୍ୟକ୍ତି ମନ୍ଦିରକୁ ନିଜସ୍ୱ ସମ୍ପତ୍ତି ଭାବେ ଦେଖୁଥିବା ବେଳେ ଅନ୍ୟ କିଛି ଲୋକ ପ୍ରତିଷ୍ଠା ପାଇଁ ନିଜସ୍ୱ ସର୍ତ୍ତ ରଖୁଛନ୍ତି। ଏହି ପରିସ୍ଥିତି ମନ୍ଦିର ପ୍ରତିଷ୍ଠାରେ ବଡ଼ ବାଧା ସୃଷ୍ଟି କରୁଛି ବୋଲି କୁହାଯାଉଛି। ଗ୍ରାମବାସୀ କହିଛନ୍ତି ଯେ, ଏହି ମନ୍ଦିର ସହ ଅଞ୍ଚଳର ଦୀର୍ଘ ପରମ୍ପରା ଓ ଆସ୍ଥା ଜଡ଼ିତ ଅଛି। ଏହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଯଥାଶୀଘ୍ର ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ କରାଯିବାକୁ ସେମାନେ ଦାବି କରିଛନ୍ତି। ଏବାବଦରେ ମନ୍ଦିର କମିଟି ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନଥିବା ବେଳେ ଏହି ନୀରବତାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟାର ସମାଧାନ ନହେଲେ ଗ୍ରାମବାସୀମାନେ ନିଜେ ପ୍ରତିଷ୍ଠା କାର୍ଯ୍ୟ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ଗତ କିଛିଦିନ ଧରି ଅଞ୍ଚଳରେ ହତ୍ୟା ଓ ଦୁର୍ଘଟଣାଜନିତ ମୃତ୍ୟୁ ବଢିବାକୁ ନେଇ ମଧ୍ୟ ଲୋକମାନେ ଚିନ୍ତା ପ୍ରକାଶ କରୁଛନ୍ତି। କେତେକ ଲୋକ ଏହାକୁ ମନ୍ଦିର ପ୍ରତିଷ୍ଠା ବିଳମ୍ବ ସହ ସମ୍ପର୍କ କରି ଅଶୁଭ ସଂକେତ ବୋଲି ମନେ କରୁଛନ୍ତି। ଅନ୍ୟପଟେ ପ୍ରତିଷ୍ଠାକୁ ନେଇ କେତେକ ଲୋକ ନିଜ ରାଜନୈତିକ ଓ ବ୍ୟକ୍ତିଗତ ମାଇଲେଜ୍ ନେବା ପାଇଁ ପରସ୍ପର ଦୋଷାରୋପ କରୁଥିବାରୁ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଏହାର ପରିଣାମରୂପେ ପ୍ରତିଷ୍ଠା କାର୍ଯ୍ୟ ବିଳମ୍ବିତ ହେଉଛି। ଏହି ପରିପ୍ରେକ୍ଷୀରେ ସମସ୍ତ ପକ୍ଷ ଓ ଗ୍ରାମବାସୀ ମିଶି ସମନ୍ୱୟରେ କାମ କରି ଶୀଘ୍ର ମନ୍ଦିର ପ୍ରତିଷ୍ଠା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବାର ସମ୍ଭାବନା ରହିଛି।

## ବୋରିଗୁମ୍ମା ପଞ୍ଚାୟତ ସମିତିର ବାର୍ଷିକ ଉତ୍ସବ

ବୋରିଗୁମ୍ମା,୩।୪ (ସମିସ): ବୋରିଗୁମ୍ମା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ଥାନୀୟ ଗୁମୁଡା ସରକାରୀ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ କୃଷ୍ଣ ଖିଲଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଧୁମ୍‌ଧାମରେ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍ଏସ୍‌ଡିଡିଆଇ ଅଜୟ ମିଶ୍ର, ମୁଖ୍ୟ ବକ୍ତା ଭାବେ କିଶୋର ଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ସରୋଜ କୁମାର ପ୍ରହରାଜ, ସମ୍ମାନିତ ଅତିଥି ଭାବେ ଏଡିଡବ୍ଲ୍ୟୁଓ ଜୟପୁର ଯୋଜନ ବେହେରା, ଏଡିଡବ୍ଲ୍ୟୁଓ ଜୟପୁର ସୁଶ୍ରୀ ବୈଶାଳୀ ଦୋରା , ବିଦ୍ୟାଳୟ ପରିଚାଳନା ସଭାପତି ପ୍ରସନ୍ନ କୁମାର ମିଶ୍ର, ଗୁମୁଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୁଳାବତୀ ମାଝୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସରୋଜ କୁମାର ପ୍ରହରାଜ ନିଜ ବକ୍ତବ୍ୟରେ ଗଳ୍ପ, କବିତା,ଶ୍ଳୋକ ଇତ୍ୟାଦି ପ୍ରୟୋଗ କରି ଅନେକ ନୀତିଶିକ୍ଷା ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରି ଆଗାମୀ ଦିନରେ ଭଲ ମଣିଷ ହେବା ପାଇଁ ପ୍ରବର୍ତ୍ତାଇଥିଲେ। ଶିକ୍ଷୟିତ୍ରୀ ଅନସୂୟା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ତେନ୍ତୁଳିଗଛରୁ ପଡ଼ି ଯୁବକ ମୃତ

ରାୟଗଡ଼ା, ୩।୪(ସମିସ): ତେନ୍ତୁଳି ଗଛରୁ ପଡି ଆଜି ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ସୁରେଶ ପୂଆଲା। ରାୟଗଡ଼ା ସଦର ବ୍ଲକ ହାଟ ଶେଷଖାଲ ପଞ୍ଚାୟତ ଅନ୍ତର୍ଗତ କେଶେଡା ଗ୍ରାମରେ ତାଙ୍କ ଘର । ସୂଚନା ପ୍ରକାରେ ଆଜି ସକାଳେ ଗାଁ ନିକଟ ଜଙ୍ଗଲକୁ ତେନ୍ତୁଳି ତୋଳିବାକୁ ଯାଇ ଗଛକୁ ଚଢ଼ିଥିଲେ। ତେବେ ସେ ଚଢି ଥିବା ଗଛର ଡାଳ ଭାଙ୍ଗି ଯିବାରୁ ତଳେ ଥିବା ଏକ ବଡ଼ ପଥର ଉପରେ ମୁଣ୍ଡ ଛେଚି ହୋଇଯାଇଥିଲା ଏବଂ ସେ ଘଟଣା ସ୍ଥଳରେ ହିଁ ସେ ପ୍ରାଣ ହରାଇଥିଲେ। ଦୀର୍ଘ ଘଣ୍ଟା ଧରି ସୁରେଶ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଜଙ୍ଗଲରେ ମୃତଦେହ ଉଦ୍ଧାର କରିଥିଲେ।

# ଜନଗଣନା ପାଇଁ ରାୟଗଡ଼ାରେ ପ୍ରସ୍ତୁତି



ରାୟଗଡ଼ା,୩।୪(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ଜନଗଣନା କାର୍ଯ୍ୟ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜନଗଣନା ନିମନ୍ତେ ଜିଲ୍ଲାସ୍ତରରେ କ୍ଷେତ୍ର ତାଲିମଦାତାଙ୍କ ତାଲିମ ପରେ ପ୍ରତି ବ୍ଲକ୍, ଏନଏସି ଓ ପୌରାଞ୍ଚଳରେ ଗଣନାକାରୀ ଓ ପରିଦର୍ଶନକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ରାୟଗଡ଼ା ତହସିଲଦାର ତଥା ଚାର୍ଜ ଅଧିକାରୀ ପ୍ରିୟଦର୍ଶିନୀ ସ୍ୱାଇଁ ରାୟଗଡ଼ା ବ୍ଲକ ଅଞ୍ଚଳରେ ଜନଗଣନା ନିମନ୍ତେ ୩୧୬ଜଣ ଗଣନାକାରୀ ଓ ସୁପରଭାଇଜରଙ୍କ ନିଯୁକ୍ତି ସହ ତାଲିମ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିଛନ୍ତି। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଗତ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ତାଲିମ ଆସନ୍ତା ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ସ୍ତରରେ ତାଲିମପ୍ରାପ୍ତ କ୍ଷେତ୍ର ତାଲିମଦାତା ରୂପେ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ରମେଶ ଚନ୍ଦ୍ର ସାହୁ, ମନୋରଞ୍ଜନ ମିଶ୍ର ଓ ଗୌରୀ ପ୍ରାସାଦ ବେହେରା ୭ଟି ଦଳରେ ଏହି ତାଲିମ ପ୍ରଦାନ କରୁଛନ୍ତି । ସହକାରୀ ତହସିଲଦାର ଶିମନ୍ତ କୁମାର ସାହୁ ଓ ସହଯୋଗୀ ରଞ୍ଜନ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମରେ ଜନଗଣନାର ଆବଶ୍ୟକତା, ବିଲଡିଂ, ଗୃହ ଓ ପରିବାର ଗଣନା, ମୋବାଇଲ ଆପ୍ ମାଧ୍ୟମରେ ୩୩ ଗୋଟି ପ୍ରଶ୍ନର ଉତ୍ତର ସଂଗ୍ରହ କୌଶଳ ଓ ଆପ୍‌ର ବ୍ୟବହାର ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏପ୍ରିଲ ୧ ତାରିଖରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିଜ ପରିବାରର ତଥ୍ୟକୁ ସ୍ୱୟଂ ଗଣନା ମାଧ୍ୟମରେ ପ୍ରଦାନ କରିଛନ୍ତି। ଆସନ୍ତା ଏପ୍ରିଲ ୧୫ ତାରିଖ ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ନିଜର ତଥ୍ୟକୁ ସ୍ୱୟଂ ଗଣନା କରିବା ନିମନ୍ତେ ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ୧୬ ତାରିଖରୁ ମଇ ମାସ ୧୫ ତାରିଖ ଯାଏଁ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟ ଆରମ୍ଭ ହେବ। ଏଣୁ ଉଚିତ ତଥ୍ୟ ପ୍ରଦାନ କରି ଗଣନାକାରୀଙ୍କୁ ସହଯୋଗ କରିବା ନିମନ୍ତେ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ରାୟଗଡ଼ାବାସୀଙ୍କୁ ଅନୁରୋଧ କରିଛନ୍ତି।

## କାର୍ଯ୍ୟକ୍ଷମ ହେଲା ଶିରିଗୁଡ଼ା ୩୩ କେଭି, ସବ୍‌ଷ୍ଟେସନ



ଗୁଡାରୀ,୩।୪(ସମିସ): ଶିରିଗୁଡା ଠାରେ ଟିପିଏଓଡିଏଲ ପକ୍ଷରୁ ଏକ ନୂଆ ୩୩ କେଭି ଲାଇନ ଓ ପ୍ରାଇମେରୀ ସବ୍‌ଷ୍ଟେସନ କାମ ଆରମ୍ଭ କରାଯାଇଥିଲା। ଏହାର ସମସ୍ତ କାମ ଶେଷ କରାଯାଇ ଗତ ଶୁକ୍ରବାର ଦିନ ସବ୍‌ଷ୍ଟେସନକୁ ବ୍ୟବହାରିକ ଉପଯୋଗ କରାଯାଇଛି। ବିଦ୍ୟୁତ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ପ୍ରତିଷ୍ଠିତ ଏହି ପ୍ରକଳ୍ପ ଶିରିଗୁଡା ଗୁଡା, ଭୁରୁକୁଡୁ ଗୁମି, ଆସାଦ ଆସାଡା, ବିଜାପୁର, ଗରଦାମା, ସାରମୁଲି ଏବଂ ହନୁମନ୍ତପୁର ଗ୍ରାମପଞ୍ଚାୟତର ବାସିନ୍ଦାଙ୍କ ସହିତ ଗୁଡାରୀ ଏନ୍‌ଏସିର ଗ୍ରାହକଙ୍କୁ ସିଧାସଳଖ ଉପକୃତ କରିବ। ମୋଟା ମୋଟି ୩,୫୦୦ରୁ ଅଧିକ ଗ୍ରାମୀଣ ପରିବାର ଏବଂ ୩,୦୦୦ ସହରୀ ଉପଭୋକ୍ତା ଏଥିରେ ଉପକୃତ ହେବେ। ଏହି ନୂଆ ଭିତ୍ତିଭୂମି କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୨୦ରୁ ଅଧିକ ଗ୍ରାମକୁ ଗୁଣାତ୍ମକ ବିଜୁଳି ସେବା ମିଳିପାରିବ। ବିଜୁଳି ବ୍ୟାହତ ଓ ଲୋ-ଭୋଲଟେଜ ସମସ୍ୟା ହ୍ରାସ ହେବ। ସେହିପରି ଲମ୍ବା ଫିଡର ଲାଇନ ଉପରେ ଥିବା ନିର୍ଭରଶୀଳ ମଧ୍ୟ ହ୍ରାସ ପାଇବ ଓ ବିଜୁଳି ନେଟୱର୍କ ସୁଦୃଢ଼ ହେବ। କମ୍ପାନୀର ଏହି ସଫଳତା ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ ନିର୍ଭରଯୋଗ୍ୟ ବିଜୁଳିସେବା ଯୋଗାଇବା ନିମନ୍ତେ ଆମେ ଉଦ୍ୟମ ଜାରି ରଖିଛୁ। ନିରନ୍ତର ବିଜୁଳି ସେବାକୁ ନେଇ ଗୁଡାରୀ(ଟିପିଏସଓଡିଏଲ) ଜେଇ ବଳଭଦ୍ର ମିଶ୍ରଙ୍କ ଉଦ୍ୟମକୁ ସାଧାରଣ ଲୋକ ଧନ୍ୟବାଦ ଜଣାଇଛନ୍ତି।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ସହ ତେନ୍ତୁଳିଗୁମ୍ମାବାସୀଙ୍କ ଆଲୋଚନା



ବୈପାରୀଗୁଡ଼ା,୩।୪(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ଡାକ ବଙ୍ଗଳା ଠାରେ ତେନ୍ତୁଳିଗୁମ୍ମାର ସମସ୍ୟାକୁ ନେଇ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଭେଟିଲେ ପଞ୍ଚାୟତବାସୀ। ଜିଲ୍ଲା ଯୋଜନା ବୋର୍ଡ ଆଦକ୍ଷ ପଦବୀ ପାଇବା ପରେ ଆଜି କୋରାପୁଟ ବିଧାୟକ ରାଗୁରାମ ମାଛ ବୈପାରୀଗୁଡା ଗସ୍ତ ସମୟରେ ତେନ୍ତୁଳିଗୁମ୍ମା ଗାଁ ଲୋକେ ଭେଟିଛନ୍ତି । ତେନ୍ତୁଳିଗିମ୍ମା ଗାଁ ଲୋକଙ୍କ କହିବା ଅନୁଯାୟୀ, ଦେଶ ସ୍ୱାଧୀନତା ପାଇଁ ଫାଶୀ ଖୁଣ୍ଟରେ ଝୁଲିପଡିଲେ ବୀର ଲକ୍ଷ୍ମଣ ନାୟକ । କିନ୍ତୁ ତାଙ୍କ ଜନ୍ମ ମାଟି ତେନ୍ତୁଳିଗୁମ୍ମା ଆଜିବି ଅବହେଳିତ । ବର୍ଷ ପରେ ବର୍ଷ ବିତୁଛି, ସରକାର ପରେ ସରକାର ବଦଳୁଛି କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ। ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ ଦୀର୍ଘ ଦିନରୁ ତେନ୍ତୁଳୁଗୁମ୍ମା ପୋଲ ନିର୍ମାଣ ପାଇଁ ଦାବି କରୁଥିବା ବେଳେ ପାଞ୍ଚ ବର୍ଷ ବିତିଲା । କିନ୍ତୁ ପୋଲ କାମ ସମ୍ପୂର୍ଣ୍ଣ ହେଉନାହିଁ । ଫଳରେ ଭେଙ୍ଗାଡ଼ଙ୍ଗାରେ ବିପଦସଂକୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି ଅଞ୍ଚଳବାସୀ। କୋରାପୁଟ ଠାରୁ ତେନ୍ତୁଳିଗୁମ୍ମା ପର୍ଯ୍ୟନ୍ତ ସରକାରୀ ବସ୍ ସେବା ଯୋଗାଇ ଦେବା, ନଦୀ ଅପରପାଶ୍ୱର୍ରେ ଥିବା ସାତ ଖଣ୍ଡ ଗାଁ ଲୋକଙ୍କ ପାଇଁ ମୁଖ୍ୟତଃ ରାସ୍ତା, ବିଜୁଳି, ପାନୀୟ ଜଳ ଯୋଗାଇ ଦେବା, ମାଟି ଗୁଡାଠାରୁ ମଧୁପୁର ପର୍ଯ୍ୟନ୍ତ ରାସ୍ତା ସଂଯୋଗ କରିବା ଭଳି ଅନେକ ସମସ୍ୟାକୁ ନେଇ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଭେଟିଛନ୍ତି ତେନ୍ତୁଳିଗୁମା ପଞ୍ଚାୟତବାସୀ। ସେପଟେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଆଦକ୍ଷ ଗାଁ ଲୋକଙ୍କୁ ସମସ୍ୟା ସମାଧାନ ପାଇଁ ପ୍ରତିଶୃତି ଦେଇଛନ୍ତି।

## କିତାଡମ୍ବୁ ଗାଁରେ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ



ଗୁଡ଼ାରୀ,୩।୪(ସମିସ): ଗୁଡାରୀ ବ୍ଲକ୍ କର୍ଲାଘାଟି ପଞ୍ଚାୟତର ପାହାଡ଼ର ଶିଖର ଦେଶରେ ଅବସ୍ଥାପିତ କିତାଡ଼ାମ୍ବୁ ଗ୍ରାମରେ ବହୁ ଦିନ ଧରି ପଡ଼ି ରହିଥିବା ଅଙ୍ଗନବାଡି କେନ୍ଦ୍ରକୁ ଗୁରବାର ଦିନ କାର୍ଯ୍ୟାଳୟର ସୁପରଭାଇଜର ପଦ୍ମାବତୀ ଶବର ରିବନ କାଟି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡି କେନ୍ଦ୍ରର କର୍ମୀ ମମତା ବିରଦଲେଇ, କର୍ଲାଘାଟି ପଞ୍ଚାୟତ, ପେଣ୍ଡିଲି ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଗୁଡାରୀ ଆଇସିଡିଏସ୍ କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦ୍ରର ଶୁଭ ଉଦ୍‌ଘାଟନ ପରେ ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିବା ଗର୍ଭବତୀ ମା', ଛୋଟ ଛୋଟ ଶିଶୁ ଓ କିଶୋରୀଙ୍କୁ ଛତୁଆ ଅଣ୍ଡା ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଏହି ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟନ ଦେଖି ସ୍ଥାନୀୟ ବାସିନ୍ଦା ଖୁସି ପ୍ରକାଶ କରିଛନ୍ତି।

## ଆମ ପୋଷାକ; ଆମ ପରିଚୟ କାର୍ଯ୍ୟକ୍ରମ

- ନନ୍ଦପୁର ମଣ୍ଡଳ ସଭାପତିଙ୍କ ଇଂରାଜୀ ପୋଷାକ ପରିଧାନକୁ ନେଇ ଚର୍ଚ୍ଚା



ନନ୍ଦପୁର,୩।୪ (ସମିସ): ଏପ୍ରିଲ ଦୁଇ ତାରିଖ ଦିନ 'ଆମ ପୋଷାକ, ଆମ ପରିଚୟ' ଥିମ୍‌କୁ କେନ୍ଦ୍ର କରି ନନ୍ଦପୁର ବ୍ଲକରେ ବିଶେଷ କାର୍ଯ୍ୟକ୍ରମ ର ଆୟୋଜନ ହୋଇଥିଲା। ସ୍ଥାନୀୟ ଲୋକ, ଲୋକ ପ୍ରତିନିଧି ଓ ସଂସ୍କୃତିପ୍ରେମୀମାନେ ଉତ୍ସାହର ସହିତ ଏହି ଉତ୍ସବରେ ପାରମ୍ପରିକ ଓଡ଼ିଆ ପୋଷାକ ପିନ୍ଧି ଓଡ଼ିଆ ସ୍ୱାଭିମାନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଡିଓ ଦୂର୍ଗା ପ୍ରସାଦ ଦୋରା ଓଡ଼ିଆ ପୋଷାକ ଆମ ସଂସ୍କୃତି, ପରମ୍ପରା ଓ ପରିଚୟର ପ୍ରତୀକ, ଆଜିର ଆଧୁନିକ ଯୁଗରେ ଏହାକୁ ରକ୍ଷା କରିବା ସହିତ ନୂତନ ପିଢ଼ୀକୁ ଏଥିପାଇଁ ସଚେତନ କରିବା ଅତ୍ୟାବଶ୍ୟକ ବୋଲି ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଓଡ଼ିଆ ପୋଷାକ ଓ ଭାଷା ପ୍ରତି ଆଗ୍ରହ ବୃଦ୍ଧି କରିବା ଓ ଦୈନନ୍ଦିନ ଜୀବନରେ ଏହାକୁ ଅନୁସରଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ନନ୍ଦପୁର ବିଜେପି ମଣ୍ଡଳ ସଭାପତି ହରିହର ବେହେରା ଓଡ଼ିଶା ସଂସ୍କୃତି ପରମ୍ପରାକୁ ସଂପୂର୍ଣ୍ଣ ଅଣଦେଖା କରିବା ସହ ଇଂରାଜୀ ପୋଷାକ ପରିଧାନ କରି ଉପସ୍ଥିତ ରହିଥିଲେ। ତେବେ ପ୍ରଶ୍ନ ଉଠୁଛି, ଯେଉଁ ସରକାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ସେହି ସରକାରଙ୍କ ଦଳୀୟ କର୍ମୀଙ୍କ କାର୍ଯ୍ୟକୁ ନେଇ ଆଲୋଚନା ଜୋର ଧରିଛି। ସେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ନିଜେ ଲଜ୍ଜିତ ହେବା ସହ କ୍ଷମା ପ୍ରାର୍ଥନା କରିଛନ୍ତି।

## 'ସ୍ୱ-ଗଣନା'ରେ ସାମିଲ ହେବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ରାୟଗଡ଼ା,୩।୪(ସମିସ): ସେନସସ-୨୦୨୭ ସ୍ୱ-ଗଣନା ପ୍ରକ୍ରିୟାରେ ଜିଲ୍ଲାବାସୀ ସାମିଲ ହେବାକୁ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେ ନିଜେ ନିଜର ସ୍ୱ ଗଣନା କରିଛନ୍ତି। ଏହା ଭାରତର ପ୍ରଥମ ଡିଜିଟାଲ ଜନଗଣନା ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତେଣୁ ରାୟଗଡ ଜିଲ୍ଲାର ସମସ୍ତ ନାଗରିକ ସକ୍ରିୟ ଭାଗ ନେଇ ୧୫ ଏପ୍ରିଲ ୨୦୨୬ ସୁଦ୍ଧା ନିଜ ସ୍ୱ ଗଣନା ସମ୍ପୂର୍ଣ୍ଣ କରନ୍ତୁ ବୋଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅନୁରୋଧ କରିଛନ୍ତି । ଗୃହ ଗଣନା ଓ ସ୍ୱ ଗଣନା ଭଳି ଦୁଇଟି ପ୍ରକ୍ରିୟାରେ ସେନସସ ପ୍ରକ୍ରିୟା କରାଯିବ । ଘରେ ବସି ନିଜେ ୱେବ୍‌ସାଇଟ୍‌ରେ ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରି ରାଷ୍ଟ୍ର ନିର୍ମାଣରେ ଯୋଗଦାନ ରଖିପାରିବେ ବୋଲି ଜିଲ୍ଲାପାଳ ବାର୍ତ୍ତାରେ କହିଛନ୍ତି । ଗଣନା ଅନଲାଇନ ପ୍ରକ୍ରିୟାରେ ୩୩ଟି ପ୍ରଶ୍ନର ଉତ୍ତର ଦାଖଲ କରିବା ପରେ ମୋବାଇଲ ଓ ଇମେଲକୁ ଏକ ରେଫରେନ୍ସ ନମ୍ବର ଆସିବ । ଯାହାକି ଏପ୍ରିଲ ୧୬ ତାରିଖ ପରେ ଗୃହ ଗଣନା କରିବାକୁ ଆସୁଥିବା ଅଧିକାରୀଙ୍କୁ ଉକ୍ତ ରେଫରେନ୍ସ ନମ୍ବର ଦେଲେ ତାହା ପ୍ରକ୍ରିୟା ସମ୍ପନ୍ନ ହେବ।

## ବଜରଙ୍ଗ ଦଳ, ସ୍ୱର୍ଗଧାମ ସେବା ସମିତିର ମାନବିକତା; ମୃତକଙ୍କ ଶବ ସତ୍କାର କଲେ



ରାୟଗଡା,୩।୪(ସମିସ): ଉତ୍ତର ପ୍ରଦେଶର କାନପୁର ଅଞ୍ଚଳର ରାଜୁ (୩୮) ରାୟଗଡା ଜଗନ୍ନାଥ ମନ୍ଦିର ସାହିରେ ବାସ କରୁଥିଲେ। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିବାରୁ ତାଙ୍କର ଆଜି ଦେହାନ୍ତ ଘଟିଥିଲା। ଦେହାନ୍ତ ପରେ ଶବ ସତ୍କାର କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ପରିବାରର କୌଣସି ସଦସ୍ୟ ଉପସ୍ଥିତ ନ ଥିବାରୁ ପରିସ୍ଥିତି ଅତ୍ୟନ୍ତ ଦୁଃଖଦ ହୋଇପଡ଼ିଥିଲା। କେବଳର ତାଙ୍କର ପତ୍ନୀ ପିଙ୍କି (୩୫) ଥିବାରୁ ସେ ଅସହାୟ ଅବସ୍ଥାରେ ବଜରଙ୍ଗ ଦଳଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ। ବଜରଙ୍ଗ ଦଳ ଓ ସ୍ୱର୍ଗଧାମ ସେବା ସମିତିର ସଦସ୍ୟମାନେ ମିଳିତ ଭାବେ ଆଗକୁ ଆସି ମୃତଦେହର ସମ୍ପୂର୍ଣ୍ଣ ଶବ ଦହନ କାର୍ଯ୍ୟ ସମ୍ମାନର ସହିତ ସମ୍ପନ୍ନ କରିଥିଲେ। ଏହି ମାନବୀୟ ସେବା ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଥିବା ସହ ସମାଜରେ ମାନବତା ଓ ସେବାଭାବର ଏକ ସୁନ୍ଦର ସନ୍ଦେଶ ପ୍ରସାର କରିଛି। ସୂଚନାଯୋଗ୍ୟ ଯେ, ମୃତକ ରାଜୁ ରାୟଗଡ଼ା ସହରରେ ବରଫ ବିକ୍ରି କରି ନିଜ ପରିବାର ଭରଣ ପୋଷଣ କରୁଥିଲେ।

# ଭେଜାପୁଟରେ ଦଣ୍ଡନାଚ, ନାଟକ ମଞ୍ଚସ୍ଥ



ଦାମନଯୋଡ଼ି,୩।୪(ସମିସ): ଭେଜାପୁଟ ବଜାର ସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମନ୍ଦିର ସମ୍ମୁଖରେ ଚୈତ୍ର ଶୁକ୍ଳ ପଞ୍ଚମୀ ତିଥିରେ ଦଣ୍ଡନାଚ ଅନୁଷ୍ଠିତ ହୋଇଯାଇଛି। ମାଥାଲପୁଟ ସ୍ଥିତ ମା'ରୁଦ୍ରକାଳୀ ଦଣ୍ଡନାଚ ଦଳ ମାଥାଲପୁଟ ସ୍ଥିତ ମାଆ ଦଣ୍ଡକାଳୀ ମନ୍ଦିରରୁ ପାଟ ଦଣ୍ଡୁଆ, କାଳିସୀ ପ୍ରମୁଖ ଆଜ୍ଞାମାଳ ନେଇ ଢୋଲ,ଘଣ୍ଟ, କାହାଳୀ ଆଦି ପାରମ୍ପରିକ ବାଦ୍ୟ ବଜାଇ ଶୋଭାଯାତ୍ରାରେ ଆସି ନାଚ ପରିବେଷଣ କରିଥିଲେ। ସକାଳୁ ପ୍ରଥମେ ବଟବୃକ୍ଷ ମୂଳକୁ ଶୁଦ୍ଧ କରାଯାଇ ଶୁଭ ଖୁଣ୍ଟି ସ୍ଥାପନ ପରେ ମା'ଙ୍କୁ ବରଣ କରି ସେଠାରେ ବନ୍ଦନା କରାଯାଇଥିଲା। ଖରାବେଳେ ଧୂଳିଦଣ୍ଡ ଓ ଅପରାହ୍ନରେ ମରିଚମାଳ ନଦୀରେ ପାଣିଦଣ୍ଡ ନୀତି ଅନୁଷ୍ଠିତ ହୋଇଥିଲା। ରାତିରେ ଅଗ୍ନିଦଣ୍ଡ ନୀତି ହୋଇଥିଲା। ଦଣ୍ଡ ମାନସିକଧାରୀ ମାନେ ବିଭିନ୍ନ ପାରମ୍ପାରିକ ବାଜା ବଜାଇ ନୃତ୍ୟ ଗୀତ ପରିବେଷଣ କରିଥିଲେ। ମାମି ପଣ୍ଡାଙ୍କ ନେତୃତ୍ୱରେ ମାନସିକଧାରୀ ନାଚ ପରିବେଷଣ କରିଥିଲେ। ପାଟ ଦଣ୍ଡୁଆ ଜଗନ୍ନାଥ ସାହୁ, କାଳିସୀ ମଦନ ମୋହନ ଦାଶ ଓ ସଞ୍ଜୟ କୁମାର ପଣ୍ଡାଙ୍କ ସହିତ ରଞ୍ଜନ କୁମାର ସେଠୀ ଏବଂ ନାରାୟଣ ମହାନ୍ତି ଓ ଅନ୍ୟ ମାନସିକଧାରୀ ନାଚରେ ଭାଗ ନେଇଥିଲେ। ଭବାନୀ ଶଙ୍କର ହୋତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରାତିରେ ଅଗ୍ନିଦଣ୍ଡ ନୀତି ପରେ ଗଞ୍ଜାମ ଜିଲ୍ଲାର ଟିକରପଡ଼ାରୁ ଆସିଥିବା ମହାବୀର ନାଟ୍ୟ କଳା ସଂସଦ ଭାରତ ଲୀଳା ପରିବେଷଣ କରିଥିଲେ। ନାଟ୍ୟ ମାଷ୍ଟର ରଞ୍ଜନ ସାହୁଙ୍କ ନିର୍ଦ୍ଦେଶନାରେ ନାଟକ ପରିବେଷିତ ହୋଇଥିଲା। ଶ୍ରୀଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ଓ ଶ୍ରୀ ସିଦ୍ଧେଶ୍ୱର ବଜାର କମିଟି ଓ ଗ୍ରାମବାସୀ ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶୋଷ ମେଣ୍ଟାଉଛି ଚୁଆ ପାଣି

# ପାଣି ପାଇଁ ଡହଳବିକଳ ପୂଜାରୀପୁଟ ବାସିନ୍ଦା



ବୈପାରୀଗୁଡ଼ା,୩।୪(ସମିସ): ଆଜି ବି ଶୋଷ ମେଣ୍ଟାଉଛି ଚୁଆ ପାଣି। ଏପ୍ରିଲ ଆରମ୍ଭରୁ ବଢୁଛି ଜଳକଷ୍ଟ। ପାଣି ମୁନ୍ଦାଏ ପାଇଁ ଡହଳବିକଳ ଗ୍ରାମବାସୀ। କେବଳ ଯେ ଖରା ଦିନେ ନୁହେଁ, ଏଠାରେ ବର୍ଷ ତମାମ ଲାଗିରହିଥାଏ ଜଳ ଯନ୍ତ୍ରଣା। ପାଣି ସମସ୍ୟାକୁ ନେଇ ବହୁବାର ଅଭିଯୋଗ ହୋଇଛି । ହେଲେ ଫଳ ଶୂନ । କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ରାମଗିରି ପଞ୍ଚାୟତର ପୂର୍ବତନ ଜିଲ୍ଲା ପରିଷଦ ହୀରାମନଣି ପୂଜାରୀଙ୍କ ଗାଁ ପୂଜାରୀପୁଟରେ ଏଭଳି ଦେଖିବାକୁ ମିଳିଛି। ପୂଜାରୀପୁଟରେ ଜଳ ଯନ୍ତ୍ରଣା ଜଳଜଳ ହୋଇ ଦେଖାଯାଉଛି। ପରିବାରର ଶୋଷ ମେଣ୍ଟାଇବା ପାଇଁ ଘରର ମାଆମାନେ ପ୍ରତିଦିନ କରୁଛନ୍ତି ସଂଘର୍ଷ। ଚୁଆ ପାଣି ହିଁ ଏମାନଙ୍କର ଏକମାତ୍ର ବିକଳ୍ପ। ଦୀର୍ଘ ବର୍ଷ ଧରି ପୂଜାରୀପୁଟ ରେ ୮୦ରୁ ଅଧିକ ପରିବାର ବସବାସ କରନ୍ତି। ଗାଁରେ ପ୍ରଶାସନ ତରଫରୁ ପାନୀୟ ଜଳ ଯୋଗାଣ ପାଇଁ ୪ନଳକୂପ ଓ ଦୁଇଟି ସୋଲାର ପାଣି ପମ୍ପ ବ୍ୟବସ୍ଥା କରାଯାଇଛି। ହେଲେ ତାହା ସବୁ ଅଚଳ। କେବଳ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଗୋଟିଏ ନଳକୂପ ଚାଲିଛି। ସେଥିରୁ ବି ଗୋଳିଆ ପାଣି ବାହାରୁଛି। ଏ ନେଇ ବହୁବାର ଅଭିଯୋଗ କଲେ ବି କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ହୀରାମଣି ପୂଜାରୀ ଏବଂ ଗ୍ରାମବାସୀ। ଏଠାରେ ରାତି ପାହିଲେ ଗାଁ ଲୋକଙ୍କୁ ପାଣି ଚିନ୍ତା । ମହିଳା ମାନେ ହାତରେ ଗୋରା ବାଲ୍ଟି ଧରି ବାହାରି ପିଇବା ପାଣି ପାଇଁ। ପିଇବା ଓ ଗାଧୁଆପାଧୁଆ ପାଇଁ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ଚୁଆ କୁଣ୍ଡରୁ ପାଣି ସଂଗ୍ରହ କରୁଛନ୍ତି କେଉଁଠି ମଜା ଘସା ହୁଏ, ସେଇଠୁ ପିଇବା ପାଣି ବ୍ୟବହାର ହୁଏ। ଗାଁରେ ବିଶୁଦ୍ଧ ପାଣି ସୁବିଧା ନାହିଁ । ଏଣୁ ବାଧ୍ୟ ହୋଇ ଦୂଷିତ ପାଣି ବ୍ୟବହାର କରୁଛନ୍ତି । ପାଣି ସମସ୍ୟାକୁ ନେଇ ବହୁବାର ଅଭିଯୋଗ କଲେ ବି ଫଳ ଶୂନ । ଏଣୁ ଅଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ଗାଁ ଲୋକେ ।

## ସ୍ୱୟଂଗଣନା ପ୍ରକ୍ରିୟା ଅତ୍ୟନ୍ତ ସହଜ ଓ ସରଳ: ଜିଲ୍ଲାପାଳ

କୋରାପୁଟ,୩।୪ (ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ନିଜ କାର୍ଯ୍ୟାଳୟ କକ୍ଷରେ ଜନଗଣନା ୨୦୨୭ର ସ୍ୱୟଂ ଗଣନା ପ୍ରକ୍ରିୟା ସଫଳ ଭାବେ ସମ୍ପନ୍ନ କରିଛନ୍ତି। ସ୍ୱୟଂଗଣନା ପ୍ରକ୍ରିୟାଟି ଅତ୍ୟନ୍ତ ସହଜ ଓ ସରଳ ଥିଲା । ମାତ୍ର ୫ ରୁ ୭ ମିନିଟ୍ ମଧ୍ୟରେ ଏହା ସମାପ୍ତ ହୋଇଯାଇଥିଲା ବୋଲି ଜିଲ୍ଲାପାଳ କହିଛନ୍ତି। ସେ ସମସ୍ତ ନାଗରିକଙ୍କୁ ସ୍ୱୟଂ ଗଣନା ପ୍ରକ୍ରିୟାରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ କରିଛନ୍ତି। ସ୍ୱୟଂ ଗଣନା ପରେ ମିଳୁଥିବା ୧୨ ଅଙ୍କ ବିଶିଷ୍ଟ ସଂଖ୍ୟାଟିକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ଏବଂ ଗଣନାକାରୀ ଘରକୁ ଆସିଲେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଗଣନା ୨୦୨୭କୁ ସଫଳ କରିବା ପାଇଁ ସମସ୍ତଙ୍କର ସମ୍ମିଳିତ ସହଯୋଗ ଆଶା କରାଯାଇଛି।

## ପୁଲିସ ପକ୍ଷରୁ ଖୋଲିଲା ଜଳଛତ୍ର

କୁନ୍ଦୁରା,୩।୪ (ସମିସ): କୁନ୍ଦୁରା ଥାନା ପରିସରରେ ଖୋଲିଲା ଜଳଛତ୍ର । ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆଜି ଏହାର ଶୁଭାରମ୍ଭ ହୋଇଛି। କୁନ୍ଦୁରା ସରପଞ୍ଚ ଲବ ପରଜା ଏହାର ଶୁଭାରମ୍ଭ କରି ଥାନାରେ ଆସିଥିବା କିଛି ଲୋକଙ୍କୁ ଜଳ ଯୋଗାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମିତି ସଭ୍ୟ ଦାମୋଦର ଗଣ୍ଡା,ପଖନାଗୁଡ଼ା ସରପଞ୍ଚ ସଦାଶିବ ଭତରା,ରାଣୀଗୁଡ଼ା ସରପଞ୍ଚ ଶିବ ପ୍ରଧାନୀ, ଭୂଷାଙ୍ଗଗୁଡ଼ା ସରପଞ୍ଚ ଡମ୍ବୁରୁଧର ପୂଜାରୀ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପରଜା,ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ,ସମ୍ପାଦକ ଦୈତାରୀ ମଲ୍ଲିକ, ଏଏସ୍ ଆଇ ପୁରୁଷୋତ୍ତମ ରାୟ, କୁନ୍ଦୁରା ଯୁବକ ସଂଘ ସଭାପତି ସବୁଜ ଦାସ, ବୁଦ୍ଧିଜିବୀ ବୃନ୍ଦାବନ ପାତ୍ର, ସମାଜସେବୀ ପଦ୍ମନାଭ ବିଶୋୟୀ,ସୁମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବନାଗ୍ନି ରୋକିବାକୁ ସଜାଗ କୁମ୍ଭୀଖରୀ ଗ୍ରାମବାସୀ



ବୈପାରୀଗୁଡ଼ା, ୩।୪(ସମିସ): ଜଙ୍ଗଲରେ ବନଗ୍ନି ରୋକିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ବୈପାରୀଗୁଡା ବ୍ଲକ ବନାଞ୍ଚଳ ଅନ୍ତର୍ଗତ ରାମଗିରି ପଞ୍ଚାୟତ କୁମ୍ଭୀଖରୀ ଗାଁରେ। କୁମ୍ଭୀଖରୀ ଗାଁର ପ୍ରତ୍ୟେକ ମହିଳା, ପୁରୁଷ ପାଳିକରି ଜଙ୍ଗଲ ଜଗୁଛନ୍ତି। ପୂର୍ବରୁ ଏହି ଗାଁକୁ ଲାଗି ରହିଥିବା ଜଙ୍ଗଲ କାଠ ମାଫିଆଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବର୍ତ୍ତମାନ କିନ୍ତୁ ଗାଁ ଲୋକେ ସଚେତନ। ଗାଁର ପାଟଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ନେଇ ବନ ସୁରକ୍ଷା ସମିତି ଗଠନ ହୋଇଛି। ଗାଁର ଚତୁର୍ଦିଗରେ ରହିଛି ସଂରକ୍ଷିତ ଜଙ୍ଗଲ। ପାଳି କରି ମହିଳା ପୁରୁଷ ଜଙ୍ଗଲର ଦାୟିତ୍ୱ ଓ ଯତ୍ନ ନେଇ ଆସୁଛନ୍ତି। ବନ ସୁରକ୍ଷା ସମିତିର ସଦସ୍ୟଙ୍କ ଅକ୍ଲାନ୍ତ ପରିଶ୍ରମରୁ ପାଖାପାଖି ପାଞ୍ଚ କିଲୋମିଟର ପରିଧି ମଧ୍ୟରେ ୫୦ ହେକ୍ଟରରୁ ଅଧିକ ପଥରୁଆ ଜମି ଜଙ୍ଗଲ ସୁରକ୍ଷିତ ହୋଇଛି। କାଠ ମାଫିଆଙ୍କ ଦ୍ୱାରା ଜଙ୍ଗଲ ସମ୍ପୂର୍ଣ୍ଣ ନଷ୍ଟ ହେବା ପରେ ବନବିଭାଗ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଚାରା ରୋପଣ କରାଗଲା। ଆଉ ଏ ହେଉଛି ତାହାର ବାସ୍ତବ ଦୃଶ୍ୟ। ବନ ସୁରକ୍ଷା ସମିତି ଗଠନ କରି କୁମ୍ଭୀଖାରି ଗାଁ ଲୋକେ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଏବେ ନିଜ ହାତକୁ ନେଇଛନ୍ତି। ବିଶେଷ କରି ଏବେ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ପ୍ରତି ଯଥେଷ୍ଟ ଆଶଙ୍କା ରହିଥାଏ। ତେଣୁ ଗାଁ ଲୋକେ ପ୍ରତିଦିନ ପାଳିକରି ଜଙ୍ଗଲ ଜଗି ଆସୁଛନ୍ତି। ଦିନସାରା ଜଙ୍ଗଲରୁ ଫାୟର୍ ଲାଇନ କାଟନ୍ତି। ତାସହ ଲୋକଙ୍କୁ ନିଆଁ ଲିଭାଇବା ପାଇଁ ସଚେତନ କରାଇଥାନ୍ତି। ମହିଳା ମାନେ ହାତରେ କାଠ ଧରି ପାଳି କରି ଜଙ୍ଗଲ ଜଗୁଥିବାରୁ ଜଙ୍ଗଲରୁ କାଠ ଚୋରି ମଧ୍ୟ ବନ୍ଦ ହୋଇଯାଇଛି। ବନ ସୁରକ୍ଷା ସମତି ସଭାପତି ସାଧୁ ଚରଣ ସିଶାଙ୍କ କହିବା ଅନୁଯାୟୀ, ଜଙ୍ଗଲ ହେଉଛି ବନ୍ୟପ୍ରାଣୀଙ୍କ ବାସସ୍ଥଳୀ, ତାହାର ସୁରକ୍ଷା ନକଲେ ଜୀବଜନ୍ତୁ ଗାଁ ମୁହାଁ ହେବେ। ଫଳରେ ଗାଁ ଲୋକେ ମଧ୍ୟ ହଇରାଣ ହେବେ। ଗଛ କାଟିବା ଏବଂ ଜଙ୍ଗଲ ଜଳାଇବା ଭବିଷ୍ୟତ ପାଇଁ ବିପଜ୍ଜନକ। ତେଣୁ ଏହା ବିରୁଦ୍ଧରେ ସଚେତନତା ଆବଶ୍ୟକ। ଜଙ୍ଗଲ ବଞ୍ଚିଲେ ହିଁ ଆମେ ବଞ୍ଚିଥିବୁ ।ସେହିପରି ପାତାଲଦେଇ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସଭାପତି ବୃନ୍ଦା ବତୀ ସିଶାଙ୍କ କହିବା ଅନୁଯାଇ, ଆମେ ଆଦିବାସୀ, ଜଙ୍ଗଲ ଉପରେ ନିର୍ଭରଶୀଳ। ଜଙ୍ଗଲରୁ ଖାଦ୍ୟ, କାଠ, ପତ୍ର, ଜଙ୍ଗଲଜାତ ଫଳ, ଫୁଲ, ମହୁ, ଝୁଣା ଓ ସେମାନଙ୍କ ଗୃହପାଳିତ ପଶୁମାନଙ୍କ ପାଇଁ ଚାରା ଇତ୍ୟାଦି ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରୁଛୁ । ଏଣୁ କୋଦପି ଜଙ୍ଗଲ ନଷ୍ଟ ହେବାକୁ ଦେବୁ ନାହିଁ।ଏନେଇ ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବିନ୍ଦ୍ର ରନ୍ଧାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବନ ବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରାଯାଉଛି। ଗାଁ ଲୋକେ ନିଜ ଜଙ୍ଗଲକୁ ନିଜେ ସୁରକ୍ଷା ଦେଉଛନ୍ତ।

### ପାଳିକରି ଜଗୁଛନ୍ତି ଜଙ୍ଗଲ

## ଭିନ୍ନକ୍ଷମ ରାଇଧର ପାଇଁ ବାଡ଼ି ଭରସା

ଉମରକୋଟ,୩।୪(ସମିସ) ଭିନ୍ନକ୍ଷମ ହୋଇ ମଧ୍ୟ ନିଜେ ସ୍ୱାବଲମ୍ବୀ। ଭିନ୍ନକ୍ଷମ ଜଣକ ହେଲେ ଉମରକୋଟ ପୌର ପରିଷଦ ଢେପଗୁଡ଼ାର ରାଇଧର ହରିଜନ (୪୫)। ରାଇଧର ଜନ୍ମରୁ ଅନ୍ଧ। ସେ ବିଲକୁଲ ଦେଖିପାରନ୍ତି ନାହିଁ। ଖଣ୍ଡିଏ ବାଡି ହିଁ ରାଇଧରଙ୍କ ଭରସା। ରାଇଧରଙ୍କ ପରିବାର କହିଲେ ଗୋଟିଏ ପୁଅ ଓ ଦୁଇଟି ଝିଅ। ଗୋଟିଏ ଝିଅ ବର୍ତ୍ତମାନ +୩ ପଢୁଥିବା ବେଳେ, ଗୋଟିଏ ଝିଅ ବର୍ତ୍ତମାନ ଦଶମ ବୋଡର୍ ପରିକ୍ଷା ଦେଇଛି। ରାଇଧର ଭିକ୍ଷା ବୃତ୍ତି କରି ଚଳନ୍ତି। ରାଇଧର ସକାଳ ୯ ସମୟରେ ଘରୁ କିଛି ଖାଇ ବାହାରି ପଡନ୍ତି ବସଷ୍ଟାଣ୍ଡ ଅଭିମୁଖେ। ବସଷ୍ଟାଣ୍ଡ ଠାରୁ ରାଇଧରଙ୍କ ଘର ଦୁଇ କିଲୋମିଟର। ତଥାପି ସେ କାହାରିକୁ ସାହାଯ୍ୟ ମାଗନ୍ତି ନାହିଁ। ବାଡି ଖଣ୍ଡିଏ ଧରି ଚାଲି ଚାଲି ପହଞ୍ଚି ଯାନ୍ତି ବସଷ୍ଟାଣ୍ଡକୁ। ବସଷ୍ଟାଣ୍ଡରେ ସେ ପ୍ରତ୍ୟେକ ବସ ଭିତରେ ବୁଲି ଭିକ ମାଗିଥାନ୍ତି। ଦିନକୁ ଅତି କମ୍‌ରେ ଦୁଇଶହରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ମିଳିଥାଏ ବୋଲି କହନ୍ତି ରାଇଧର। ସରକାରୀ ସହାୟତା କହିଲେ ୨୫ କିଲୋ ଚାଉଳ ଓ ଭିନ୍ନକ୍ଷମ ଭତ୍ତା ୩୫୦୦ ଟଙ୍କା। ରାଇଧରଙ୍କ ପଟା ଜାଗା ନଥିବାରୁ ଆଜି ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଘର ଖଣ୍ଟିଏ ମିଳିନାହିଁ। କାରଣ ରାଇଧର ଯେଉଁ ଜାଗାରେ ଘର କରି ରହୁଛନ୍ତି, ତାହା ସରକାରୀ। ରାଇଧରଙ୍କ ଉତ୍ତମ ବ୍ୟବହାର ପାଇଁ ସେ ବସଷ୍ଟାଣ୍ଡରେ ସମସ୍ତଙ୍କ ଆଦରଣୀୟ ପାତ୍ର ସାଜିଛନ୍ତି। ଭିନ୍ନକ୍ଷମ ହୋଇ ମଧ୍ୟ ରାଇଧର ଅନ୍ୟ ଉପରେ ଭରସା ନ କରି ନିଜେ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ରାଇଧର ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।



# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ









ନବରଙ୍ଗପୁର,୩।୪(ସମିସ) : ନବରଙ୍ଗପୁର ଶାସ୍ତ୍ରୀ ଭବନ ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ହୋଇଯାଇଛି। ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ , ପୌରାଧ୍ୟକ୍ଷ କୁନୁ ନାୟକ , ସିଆର୍‌ପିଏଫ୍ ୧୨ ବାଟାଲିୟନ କମାଣ୍ଡାଣ୍ଟ ଏନ୍ କେ କେ ପ୍ରସାଦ ଏବଂ ମୁଖ୍ୟବକ୍ତା ଡ. ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସହରରେ ଅବସ୍ଥାପିତ ୧୩ ଗୋଟି ଓଡ଼ିଶା ର ବରପୁତ୍ର ଏବଂ ମହାପୁରୁଷ ପ୍ରତିମୂର୍ତ୍ତି ଠାରେ ନିକଟସ୍ଥ ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ଥାନୀୟ ଆମ୍ବେଦକର ଛକ ନିକଟସ୍ଥ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ , ବି ଆର୍ ଆମ୍ବେଦକର, ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ଠାରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଧ୍ୟାରେ କାର୍ଯ୍ୟକ୍ରମ ଟାଉନ ହଲ ଠାରେ ଓଡ଼ିଆ ପକ୍ଷ ଲୋଗୋ ଉନ୍ମୋଚନ, ସଭାକାର୍ଯ୍ୟ ପରେ ହାଇସ୍କୁଲ ଓ ମହାବିଦ୍ୟାଳୟ ସ୍ତର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ,ପ୍ରବନ୍ଧ, ସଙ୍ଗୀତ ପ୍ରତିଯୋଗିତାର ଉତିର୍ଣ୍ଣ ପ୍ରତିଯୋଗୀ ତଥା ଝୋଟି, ପିଠା ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ଗଣ ସାର୍ଟିଫିକେଟ,ଟ୍ରଫି ପ୍ରଦାନ କରିଥିଲେ। ୬ ଟି ସାଂସ୍କୃତିକ ଅନୁଷ୍ଠାନ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯୁଗଳ କିଶୋର ତ୍ରିପାଠୀଙ୍କ ସଙ୍ଗୀତ ଅନୁଷ୍ଠାନର ଛାତ୍ରୀମାନେ ପ୍ରାରମ୍ଭରେ "ବନ୍ଦେ ଉତ୍କଳ ଜନନୀ' ଏବଂ ଶେଷରେ ଉତ୍କଳ ବନ୍ଦନା ଗାନ କରିଥିଲେ। ଏହି ଅବସରରେ ୩୧ ଓ ୧ ତାରିଖ ରାତିରେ ଜିଲ୍ଲାର ବ୍ଲକ୍ ଓ ସହରାଞ୍ଚଳ ବିଭିନ୍ନ ସରକାରୀ ,ବେସରକାରୀ କୋଠା ମାନଙ୍କରେ ଲିଟୁ ଲାଇଟ୍ ଦ୍ୱାରା ସୁସଜ୍ଜିତ କରାଯାଇଥିଲା। ସ୍ୱାଗତ ଭାଷଣ ସହ ସଭା କାର୍ଯ୍ୟକ୍ରମ ପରିଚାଳନା ଓ ଆୟୋଜନ କରିଥିଲେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା। ସଭାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସହରର ବୁଦ୍ଧିଜୀବି, ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କଳାକାର ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**ପାପଡାହାଣ୍ଡି :** ପଞ୍ଚାୟତ ସମିତି ପାପଡାହାଣ୍ଡି ଆନୁକୂଲ୍ୟରେ ୧ ଏପ୍ରିଲ ଠାରୁ ୧୪ ଏପ୍ରିଲ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ପ୍ରଥମ ଦିନ ୧ ଏପ୍ରିଲରେ ପବିତ୍ର ଉତ୍କଳ ଦିବସ ଅବସରରେ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ସହିଦ ସ୍ମୃତି ସ୍ତମ୍ଭ ଠାରେ ମହାପୁରୁଷ ଏବଂ ଶହୀଦ ମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ସୋମନାଥ ପୁଜାରି, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଲଦେବ ସାହୁ, ବିଏସଏସଓ ସୁବ୍ରତ କିସାନ, ଡବ୍ଲୁଓ ଦେବବ୍ରତ ପରିଡା, ଜିପିଓ କମଲେନ୍ଦୁ ଦାସ, ଜେଇ ରତ୍ନାକର ପାଇକ, ବାପୁଜୀ ନାୟକ ଓ ଇଶ୍ୱର ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ।

**କୁନ୍ଦୁରା :** କୁନ୍ଦୁରା ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବରପୁତ୍ର ଓ ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ, ସଂସାଦ ପ୍ରତିନିଧି ଅମ୍ବୁ ପାତ୍ର, ଏଇଇ ରମାକାନ୍ତ ନାୟକ, ଜିପିଡିଓ ଜଗତ ସିଂ ମାଝୀ, ଏପିଓ ଚିନ୍ତାମଣି ତାଣ୍ଡି, ବ୍ଲକ କାର୍ଯ୍ୟକ୍ରମ ସହାୟକ ବସନ୍ତ କୁମାର ଭୋଳ, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ମଣ୍ଡଳ ସଭାପତି ପଦ୍ମନାଭ ବିଶୋୟୀ, ତ୍ରିନାଥ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ, ପ୍ରଧାନ ଶିକ୍ଷକ ସରୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଲାଇନାଗୁଡ଼ା ଉଚ୍ଚ ବିଦ୍ୟାଳୟରେ ଓ ଅନ୍ୟ ସ୍କୁଲ ମାନଙ୍କରେ ପାଳିତ ହୋଇଛି ଉତ୍କଳ ଦିବସ।

**କୋରାପୁଟ :** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଉତ୍କଳ ଦିବସ ମହାସମାରୋହରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିକିମ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଆବାହକ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ପ୍ରସନଜିତ୍ ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ବିତ୍ତ ଅଧିକାରୀ ଦୁର୍ଯୋଧନ ସେଠୀ ଓ ଛାତ୍ର ମଙ୍ଗଳ ଶାଖାର ଅଧ୍ୟକ୍ଷ ଡ. ରମେନ୍ଦ୍ର କୁମାର ପାଢ଼ୀ ବକ୍ତବ୍ୟ ରଖିଥିଲେ। ସଭାଧ୍ୟକ୍ଷ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ନିଜ ବକ୍ତବ୍ୟରେ ଓଡ଼ିଶାର ଇତିହାସକୁ ବିସ୍ତାରିତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ମୁଖ୍ୟ, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଲୋକସମ୍ପର୍କ ଅଧିକାରୀ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଗବେଷକ, ଗବେଷିକା, ଶିକ୍ଷାର୍ଥୀଙ୍କ ସମେତ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପରିଶେଷରେ ସହାୟକ ପ୍ରାଧ୍ୟାପକ ଡକ୍ଟର ଗଣେଶ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଶାଶ୍ୱତ ଦଣ୍ଡିଆ ମଞ୍ଚ ପରିଚାଳନା କରିଥିବା ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

**ସେମିଳିଗୁଡ଼ା :** କୋରାପୁଟ ଜିଲ୍ଲା ସେମିଳିଗୁଡା ସହରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସହରରେ ଥିବା ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ , ମହା ବିଦ୍ୟାଳୟ ଠାରେ ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।। ସୁନାବେଡ଼ା ପୌର ପରିଷଦ ଦ୍ୱାରା ଉତ୍କଳ ଦିବସ ଉପଲକ୍ଷେ ସହରରେ ଥିବା ଗାନ୍ଧୀ, ଲକ୍ଷ୍ମଣ ନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେମିଳିଗୁଡା ପ୍ରେସ କ୍ଲବ କ୍ୟାମ୍ପସ ସ୍ଥିତ 'ବରପୁତ୍ର' ମଣ୍ଡପରେ ସ୍ଥାପିତ ସ୍ୱଭାବ କବି ଫକୀରମୋହନ ସେନାପତି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ବିଧାୟକ ରଘୁରାମ ମାଛ, ସୁନାବେଡ଼ା ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ସେମିଳିଗୁଡା ପ୍ରେସ କ୍ଲବ ସଭାପତି ଅଜୟ କୁମାର ସାହୁ, ୧୮ ନମ୍ବର କାଉନସିଲର ମମତା ରାୟ, ବିଜେପି ବରିଷ୍ଠ ନେତା ସୁମନ୍ତ ପ୍ରଧାନ, ନଗର ସଭାପତି ଟୁନା ଖରା, ଜିଲ୍ଲା ମହିଳା ସମ୍ପାଦିକା ସନ୍ତୋଷିନୀ ଜେନା, ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସରସ୍ୱତୀ ଶିଶୁ/ ବିଦ୍ୟା ମନ୍ଦିରରେ ସ୍ୱତନ୍ତ୍ର କାର୍ଯକ୍ରମ ଆୟୋଜନ ହୋଇଥିଲା।

**ବୈପାରୀଗୁଡା :** ବୈପାରୀଗୁଡାର ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଅଧିକାରୀ କାର୍ତିକ ପାଢ଼ୀଙ୍କ ନେତୃତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା କୃଷ୍ଣ ଚାନ୍ଦ ଗଜପତି ମହାରାଜଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବିଡିଓ ସୁବ୍ରତ ସାହୁ, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସ୍କୁଲ ପ୍ରଧାନ ଶିକ୍ଷକ ବିରେନ ଧଳ, ବିଜେପି ନେତା ମନୋଜ ନାୟକ, ଧନପତି ନାୟକ, ଲଳିତ ପୂଜାରୀ, ନଟବର ପଟ୍ଟନାୟକଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ବୈପାରୀଗୁଡା ଓକିଲ ସଙ୍ଘ ସଭାପତି ଗୌର ଚାନ୍ଦ ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଡାକ ବଙ୍ଗଳା ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିରେ ବୈପାରୀଗୁଡା ବ୍ଲକର ସମସ୍ତ ଆଇନୀଜୀବୀ ଉପସ୍ଥିତ ଥିଲେ।

**ନାରାୟଣପାଟଣା :** ସ୍ଥାନୀୟ ଗ୍ରାମ ପଞ୍ଚାୟତ ଠାରେ ଓଡ଼ିଆ ପକ୍ଷ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାପି ତ୍ରିନାଥ ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ସ୍ଥାନୀୟ ସରପଞ୍ଚ ରେବତୀ କୁନ୍ଦାରିଆ, ବିଜେପି ସଭାପତି କାଶୀନାଥ ହିକକା, ସମସ୍ତ ୱାର୍ଡ ମେମ୍ବର, ଗଣମାଧ୍ୟମ ଓ ଜନସାଧାରଣ ଉପସ୍ଥିତ ଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଉପସ୍ଥିତ ସମସ୍ତଙ୍କୁ ଏପ୍ରିଲ୍ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ଦିବସ ପାଳନ କରିବା ପାଇଁ ଆହ୍ୱାନ କରାଗଲା। ବରିଷ୍ଠ ସାମ୍ବାଦିକ ଭୂଷିତ ବିଡ଼ିକା ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ନାରାୟଣପଟଣା ମାଟିର ବୀର ବୀର ପୁତ୍ର ଗୋପାଳ ଭାଣ୍ଡି ଏସ ଏନ ଗିରିଶ ସୁରକ୍ଷା ଦାୟିତ୍ୱରେ ଥିବାବେଳେ ନକ୍ସଲଙ୍କ ଦ୍ୱାରା ବିଛାଯାଇଥିବା ଲାଣ୍ଡ ମାଇନ୍ସରେ ଜୀବନ ଯାଇଥିଲା। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କାରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ତୁଳ ଧନ୍ୟବାଦ ଦେଇଥିଲେ।

**କୋଷାଗୁମୁଡ଼ା :** କୋଷାଗୁମୁଡ଼ା ବିଦ୍ୟାର୍ଥୀ ଶିକ୍ଷା ଅନୁଷ୍ଠାନରେ ଉତ୍କଳ ଦିବସ ବହୁ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଥମ ବାର୍ଷିକ ଦିବସରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ବହୁ ଲୋକ ଉପସ୍ଥିତ ଥିଲେ। ଅନୁଷ୍ଠାନର ବରିଷ୍ଠ ଶିକ୍ଷକ କୈଳାସ ବାରିକ ପ୍ରଥମେ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ମାଧ୍ୟମରେ ଓଡ଼ିଶାର ପ୍ରତିଷ୍ଠା ବିଷୟରେ କହିଥିଲେ। ପରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା ଅୟୋଜନ ହୋଇଥିଲା। ଶେଷରେ ଅନୁଷ୍ଠାନ ତରଫରୁ ପୁରସ୍କାର ବିତରଣ ସହ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ପ୍ରମୁଖ ନୂତନ ନାୟକଙ୍କ ତରଫରୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

**ଜୟପୁର :** ଜୟପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସଦର ମହାକୁମା ଠାରେ ଉପଖଣ୍ଡ ସ୍ତରୀୟ ଉତ୍କଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ସଂଧ୍ୟାରେ ସ୍ଥାନୀୟ ଟାଉନହଲ ଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଏସଡିପିଓ ଅର୍ଚ୍ଚିତା ମିତ୍ତଲ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ବ୍ଲକ ଅଧ୍ୟକ୍ଷା ତିଳତ୍ତୋମା ମୁଦୁଲି ବ୍ଲକ, ତହସିଲଦାର ସବ୍ୟସାଚି ଜେନା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ ଏବଂ ମୁଖ୍ୟବକ୍ତା ଭାବେ ପ୍ରମେୟ ଜୟପୁର ସଂସ୍କରଣର ଡିଜିଏମ ପ୍ରକାଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ଶ୍ରୀ ମହାନ୍ତି, ପୌରାଧ୍ୟକ୍ଷ ଜୟପୁର ପୌରପାଳିକା, ଉପଜିଲ୍ଲାପାଳ ଯଦୁମଣି ନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚି ଜେନାଙ୍କ ଦ୍ୱାରା ସହରର ବିଭିନ୍ନ ଛକରେ ଓଡ଼ିଶା ଓ ଅବିଭକ୍ତ କୋରାପୁଟ ଜିଲ୍ଲାର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା।

**ନବରଙ୍ଗପୁର :** ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟର ସଭା କକ୍ଷ ର ଉତ୍କଳ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଶିକ୍ଷକ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ଅଭିଭାଷଣରେ ଛାତ୍ରୀମାନଙ୍କୁ ନିଜ ସଂସ୍କୃତି ଓ ଭାଷା ପ୍ରତି ସଚେତନ ରହିବାକୁ ଓ ସମାଜର ଉନ୍ନତିରେ ନିଜ ଭୂମିକା ପ୍ରତି ସମର୍ପିତ ହେବାକୁ ଆହ୍ୱାନ କରିଥିଲେ। ଓଡ଼ିଆ ପକ୍ଷ ସଂଯୋଜିକା ଡ. ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ନୃପେନ୍ଦ୍ର ନାଥ ଖୋସଲା, ଅଧ୍ୟାପିକା ତାଇରା ବେଗମ୍, ରଞ୍ଜୁଷା କୁମାରୀ ପ୍ରହରାଜ, ଡ. ଏମ୍.ରୋହିଣୀ ରାଣୀ, ତାରାନୁମ ଆରା, ଭୁବନ ହରିଜନ, ଅକ୍ଷୟ କୁମାର ନାୟକ, ପଙ୍କଜ କୁମାର ଗରଡ଼ା ଓ ବହୁ ସଂଖ୍ୟାରେ ଛାତ୍ରୀ ମାନେ ଉତ୍କଳର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସଙ୍କଳ୍ପ ନେଇଥିଲେ।

**ସେମିଳିଗୁଡ଼ା :** କୋରାପୁଟ ଜିଲ୍ଲା ସେମିଳିଗୁଡା ସତ୍ୟନଗର ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଶାହେଦା ପରୱିନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ଡାଇରେକ୍ଟର ଶିବ ଚରଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପାଣି ଉତ୍କଳ ଦିବସର ମହତ୍ତ୍ୱ ସମ୍ପର୍କରେ ପିଲା ମାନଙ୍କୁ ବୁଝାଇଥିଲେ। ସ୍କୁଲର ଅଧ୍ୟକ୍ଷା ଶାହେଦା ପରୱିନ ଉତ୍କଳ ଦିବସର ଶୁଭେଚ୍ଛା ଜଣାଇ ଛାତ୍ରଛାତ୍ରୀଙ୍କୁ ଉତ୍କଳ ଭୂମିର ଗୌରବ ଏବଂ ଐତିହ୍ୟକୁ ସଂରକ୍ଷଣ ଏବଂ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସୁକାନ୍ତି ପାତ୍ର, ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଆକାଂକ୍ଷା ପଣ୍ଡା ଉତ୍କଳ ଦିବସ ପାଳନର ଗୁରୁତ୍ୱ ଉପରେ ଅଭିଭାଷଣ ରଖିଥିଲେ। ଶିକ୍ଷୟିତ୍ରୀ ସୁକାନ୍ତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।













# ବେଣ୍ଟ ପାଇଁ ଜଙ୍ଗଲରେ ଲାଗୁଛି ନିଆଁ



ବୈପାରୀଗୁଡ଼ା,୩।୪(ସମିସ): ଗ୍ରୀଷ୍ମଋତୁ ଆରମ୍ଭରୁ ଘନେଇଲାଣି ବନାଗ୍ନି ସଙ୍କଟ। ଖରା ବଢ଼ିବା ସହିତ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ବୃଦ୍ଧି ପାଇଥିବା ବେଳେ ଆଦିବାସୀ ପରମ୍ପରା ଚଇତି ପର୍ବ ବେଣ୍ଟ ଶିକାର ଏବେ ବନ ବିଭାଗର ଚିନ୍ତା ବଢ଼ାଇଛି । ଏଭଳି ଘଟଣା ବୈପାରୀଗୁଡାର ବିସ୍ତୃତ ସଂରକ୍ଷିତ ଜଙ୍ଗଲରେ ଦେଖିବାକୁ ମିଳିଛି । ବନ ବିଭଗ ସୂଚନା ଅନୁଯାୟୀ, ବେଣ୍ଟ ପାଇଁ ଗତ କାଲି ରାତିରେ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ସ୍ଥାନୀୟ ରେଞ୍ଜର ସନ୍ଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ବନ ପାଳ ଲାଳତା ହରିଜନ, ବନରକ୍ଷୀ ମନରମା ଦେବି ଏବଂ ପାରା ଷ୍ଟାପ କର୍ମକର୍ତ୍ତା ପ୍ରମୁଖ ଜଙ୍ଗଲ ନିଆଁକୁ ଆୟୋତ୍ତ କରିଥିଲେ। ବୈପାରୀଗୁଡା ସରଂକ୍ଷିତ ଜଙ୍ଗଲର ପ୍ରାୟ ୧୫୦ଫୁଟ ଉଚ୍ଚରେ ବିରଖମ୍ବ ପାହାଡ଼ ଏବଂ ଗୁଣ୍ଡକ୍ଷଗୁଡା ଜଙ୍ଗଲରେ ପ୍ରାୟ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ନିଆଁ ଲାଗିଯାଇଥିଲା । ରାତିଅନ୍ଧାରରେ ବନ ବିଭାଗର କର୍ମକର୍ତାଙ୍କ ଉଦ୍ୟମରେ ଆଠ ଘଣ୍ଟା କାଳ ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟୋତ୍ତ କରାଯାଇଛି । ଏଥିରେ ବିଶେଷ କରି ପାରା ଷ୍ଟାପ କର୍ମକର୍ତା ରାମ ଗାଦବା, ରାମ ମୁଦୁଲି, କାର୍ତିକ ମୁଦୁଲି, ଦୌଇତାରୀ ବାରିକ, ସୁନୀଲ ମୁଦୁଲି, ଚଣ୍ଡାଳ ଯାନୀ,ବନ୍ଧୁଯାନୀ, ଭାସ୍କର ନାୟକ, ଶଙ୍କର ନାୟକଙ୍କ ସହଯୋଗ ରହିଥିଲା। ବେଣ୍ଟ ପାଇଁ ଜଙ୍ଗଲରେ ନିଆଁ ଲାଗିବା ଘଟଣାକୁ ନିନ୍ଦା କରିବା ସହ ଗ୍ରାମାଞ୍ଚଳରେ ଆହୁରି ଅଧିକ ଜନ ସଚେତନ ଆବଶ୍ୟକ ରହିଛି ବୋଲି କୁହାଯାଉଛି।

# ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଇଲେ ମହିଳା



ଟିକିରି,୩।୪(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଡୁଡୁକାବାଲ ପଞ୍ଚାୟତର ତୋଟାଗୁଡା ଛକ ନିକଟସ୍ଥ ଡେଙ୍ଗାଗୁଡା ଗ୍ରାମରେ ଦୀର୍ଘଦିନ ଧରି ଲାଗି ରହିଥିବା ପାଣି ସମସ୍ୟା ପ୍ରଶାସନର ଚରମ ଅବହେଳାର ଜ୍ୱଳନ୍ତ ଉଦାହରଣ ପାଲଟିଛି। ଗ୍ରାମବାସୀ ବହୁବାର ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିବା ସତ୍ୱେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ନ ମିଳିବାରୁ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଚୂଡ଼ାନ୍ତରେ ପହଞ୍ଚିଛି। ଗ୍ରାମରେ ୧୫୦ଟି ପରିବାର ବସବାସ କରୁଥିବା ବେଳେ ସମସ୍ତେ କେବଳ ଗୋଟିଏ ନଳକୂପ ଉପରେ ନିର୍ଭରଶୀଳ। ଏପରି ଦୟନୀୟ ପରିସ୍ଥିତିରେ ପାଣି ସଂକଟ ଦିନକୁ ଦିନ ଗୁରୁତର ଆକାର ଧାରଣ କରୁଛି। ଗ୍ରାମବାସୀମାନେ ଦୈନିକ ଜଳ କଷ୍ଟ ସହିବାକୁ ବାଧ୍ୟ ହେଉଛନ୍ତି। ଶୁକ୍ରବାର ସମସ୍ୟାର ଦ୍ରୁତ ସମାଧାନ ଦାବି କରି ଆଜି ଡେଙ୍ଗାଗୁଡା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇରାସ୍ତା ଅବରୋଧ କରିଥିଲେ। ଏହାର ଫଳରେ ଟିକିରି ଠାରୁ କାଶିପୁର ଓ ରାୟଗଡାକୁ ୨ଘଣ୍ଟାଧରି ଯାତାୟାତ ଠପ୍ ହୋଇଯାଇଥିଲା। ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଲୋକଙ୍କ ରାସ୍ତାରୋକ ପରେ ବ୍ଲକ୍ ପ୍ରସାଶନ ପକ୍ଷରୁ ନଳକୂପ ମରାମତି କରାଯାଇଛି। ଆଉ ଗୋଟିଏ ନଳକୂପ ବସାଯିବ ବୋଲି ବ୍ଲକ ପ୍ରସାଶନ ପକ୍ଷରୁ ପ୍ରତିଶୃତି ମିଳିଛି।। ଯଥାଶୀଘ୍ର ର ବ୍ଲକ ପ୍ରଶାସନ ଏହାର ସ୍ଥାୟୀସମାଧାନ କରନ୍ତୁ , ନ ହେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ଆକାର ନେବ ବୋଲି ଗ୍ରାମବାସୀ ସତର୍କ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଏହାକୁ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହାକୁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

● ସରକାରୀ ଜମିରୁ ଗଛ କାଟି ରାଜ୍ୟ ବାହାରକୁ ଚାଲାଣ ଉଦ୍ୟମ

# ବିପୁଳ କାଠ ଜବତ କଲା ବନ ବିଭାଗ

ମାଲକାନଗିରି,୩।୪(ସମିସ): ମାଲକାନଗିରି ଜିଲ୍ଲାରେସରକାରୀଜମିରୁଗଛକାଟିପଡୋଶୀ ରାଜ୍ୟକୁ ବେଆଇନ ଭାବେ କାଠ ଚାଲାଣ ହେଉଥିବା ବେଳେ ବନ ବିଭାଗର ଚଢ଼ଉ କରି ବିପୁଳ କାଠ ଜବତ କରିଛି। ସୂଚନା ଅନୁଯାୟୀ ମାଲକାନଗିରି ବନ ଖଣ୍ଡ ଅଧୀନରେ ଥିବା ଏମଭି ୧୧ ଗାଁ ନିକଟରେ ସରକାରୀ ଜମିରୁ ଏକାଧିକ ଚାକୁଣ୍ଡା ଗଛକୁ କିଛି କାଠ ମାଫିଆ କାଟି ଚାଲାଣ ନେଇ ସୂଚନା ପାଇବା ପରେ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ସମୟରେ ଏକାଧିକ ଚାକୁଣ୍ଡା ଗଛ କଟାଯାଇଥିବା ବେଳେ ଏକ ୧୮ ଚକିଆ ଟ୍ରକରେ ଏହାକୁ ଆନ୍ଧ୍ର ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବନ ବିଭାଗ ଦେଖିବାକୁ ପାଇଥିଲା। ତେବେ ସମସ୍ତ ଗଛ ସରକାରୀ ଜମିରେ ରହିଥିବା ବେଳେ କୌଣସି ଅନୁମତି ବିଭାଗ ପକ୍ଷରୁ ନିଆଯାଇନଥିବା ସହ ଏହାକୁ ବେଆଇନ ଭାବେ କଟା ଯାଇଥିବାରୁ ଘଟଣା ସ୍ଥଳରୁ ପ୍ରାୟ ୪୫ ଟନ ଚାକୁଣ୍ଡା କାଠକୁ ବନ ବିଭାଗ ଜବତ କରିଥିଲା। ସେହିପରି ଏହି ମାମଲାରେ ବ୍ୟବହୃତ ୧୮ ଚକିଆ ଟ୍ରକକୁ ମଧ୍ୟ ବିଭାଗ ପକ୍ଷରୁ ଜବତ କରାଯାଇଛି। ତେବେ ବିଭାଗର ଏନ୍ଫୋର୍ସମେଣ୍ଟ ଟିମକୁ ଦେଖି କାଠ ମାଫିଆ ମାନେ ସେଠାରୁ ଚମ୍ପଟ ମାରିଥିବା ବେଳେ ଟ୍ରକ ଡ୍ରାଇଭରକୁ ଗିରଫ କରାଯାଇଥିବା ସହ ଘଟଣାର ତଦନ୍ତ ଜାରି ରହିଥିବା ନେଇ ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ୩୦ଟି ଗ୍ୟାସ୍ ଟାଙ୍କି ଜବତ



ମାଲକାନଗିରି,୩।୪(ସମିସ): ସାରା ରାଜ୍ୟରେ ବର୍ତ୍ତମାନ ରନ୍ଧନ ଗ୍ୟାସକୁ ନେଇ ନାନା ସମସ୍ୟା ଦେଖା ଦେଇଥିବା ବେଳେ ଗ୍ୟାସ ଗୁଡିକର କଳା ବଜାରୀ ମଧ୍ୟ ହେଉଛି। ଗ୍ୟାସ୍ ସଠିକ ଭାବେ ମିଳୁ ନଥିବା ବେଳେ ଏହାର କଳା ବଜାରୀ କରୁଥିବା ଲୋକେ ଘରୋଇ ଗ୍ୟାସ ଗୁଡିକୁ ହୋଟେଲ ତଥା ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକୁ ବିକୁଥିବାରୁ ମଧ୍ୟ ଦେଖିବାକୁ ମିଳୁଛି। ମାଲକାନଗିରି ଜିଲ୍ଲାରେ ମଧ୍ୟ ଏଭଳି କିଛି ହୋଟେଲ ମାଲିକ ଘରୋଇ ଗ୍ୟାସ ଗୁଡିକୁ ବ୍ୟବହାର କରୁଥିବା ବେଳେ ଏନେଇ ଖବର ପାଇ ପ୍ରଶାସନ ପକ୍ଷରୁ ଚଢ଼ାଉ କରି ୩୦ଟି ଗ୍ୟାସ ସିଲଣ୍ଡର ଜବତ କରାଯାଇଛି। ମାଲକାନଗିରି ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଏକ ଦଳ ଜିଲ୍ଲାର ବିଭିନ୍ନ ହୋଟେଲରେ ଚଢ଼ଉ କରି ୩୦ଟି ଗ୍ୟାସ ସିଲିଣ୍ଡରଜବତ କରିଛନ୍ତି। ତେବେ ଘରୋଇ ଗ୍ୟାସକୁ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର କରିବା ବେଆଇନ ଥିବା ବେଳେ ଏହାକୁ ଜବତ କରିବା ସହ ଆଗାମୀ ଦିନରେ ଗ୍ୟାସର କଳା ବଜାରୀ ରୋକିବା ଓ ଅପ ବ୍ୟବହାର ରୋକିବା ପାଇଁ ଚଢ଼ଉ ଜାରି ରହିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରକାଶ କରିଛନ୍ତି।

● ନିଖୋଜ ଶଙ୍କରଙ୍କ ପତ୍ତା ମିଳୁନି

# ଚିନ୍ତାରେ ପରିବାର ଓ ଗ୍ରାମବାସୀ



ମାଥିଲି,୩।୪ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧିଗୁଡା ଗ୍ରାମର ଲଚିରାମ ପୂଜାରୀଙ୍କ ବଡ଼ ପୁଅ ଶଙ୍କର ପୂଜାରୀ (୨୨) ଗତ ମାର୍ଚ୍ଚ ୨୪ ତାରିଖ ଦିନ କିଆଙ୍ଗ ସାପ୍ତାହିକ ହାଟକୁ ଆସିଥିବା ବେଳେ ସେହି ସାପ୍ତାହିକ ହାଟରୁ ନିଖୋଜ ଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଶଙ୍କର ଘରୁ ହାଟ କରିବା ପାଇଁ କିଆଙ୍ଗ ଆସିଥିଲା। କିନ୍ତୁ ହାଟକୁ ଆସିବା ପରେ ଆଉ ଘରକୁ ଫେରି ନଥିଲା। ସବୁ ଆଡ଼େ ଖୋଜି ନିରାଶ ହେବା ପରେ ବାପା ଲଚିରାମ ନିରାଶ ହୋଇ ହୋଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଆସି କିଆଙ୍ଗ ମଣ୍ଡିରେ ଲାଗିଥିବା ସିସି ଟିଭି ଯାଞ୍ଚ କରିବା ପରେ ଜାଣିବାକୁ ପାଇଥିଲେ ଯେ ଏକ ଅଜଣା ବାଇକ୍‌ରେ ଅଜଣା ବ୍ୟକ୍ତିଙ୍କ ସହିତ ବସି ହାଟ ବାହାରକୁ ସେ ବାହାରିଛି। ବାପା ଓ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ଗତ ମାର୍ଚ୍ଚ ୩୦ ତାରିଖରେ ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଶଙ୍କରର ବାପା ଲଚିରାମ। ଲିଖିତ ଅଭିଯୋଗ ପାଇବା ପରେ ମାଥିଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ। କିନ୍ତୁ ଚାରି ଦିନ ହେବ ଶଙ୍କର ର ପତ୍ତା ପାଉନି ପୁଲିସ। ଗତକାଲି ସିଦ୍ଧିଗୁଡା ଗ୍ରାମବାସୀ ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚଙ୍କ ସହିତ ସାକ୍ଷାତ କରିଥିଲେ। ସାକ୍ଷାତ କରିବା ପରେ ଆରକ୍ଷୀ ଅଧିକ୍ଷକ ପୁଲିସ ପକ୍ଷରୁ ଖୋଜାଖୋଜି ଚାଲିଛି ତୁରନ୍ତ ଏହାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରିବାର ଓ ଗ୍ରାମବାସୀଙ୍କ ମନ ବୁଝୁ ନାହିଁ। ଆଜି ସିଦ୍ଧିଗୁଡା ଗ୍ରାମରେ ବରିଷ୍ଠ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ପହଞ୍ଚି ଗ୍ରାମବାସୀ ଓ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ସହିତ ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେଇଛନ୍ତି। ଗ୍ରାମରେ ବର୍ତ୍ତମାନ ଆଦିବାସୀ ମାନଙ୍କ ପାରମ୍ପରିକ ଚଇତି ପରବ ଚାଲୁଥିବା ବେଳେ ଗାଁର ପୁଅ ନିଖୋଜ ଥିବାରୁ ଚିନ୍ତାରେ ପୁରା ଗ୍ରାମବାସୀ ମାନେ। ସେଥିପାଇଁ ଆସନ୍ତା କାଲି ଗ୍ରାମର ସମସ୍ତ ଲୋକେ ମାଥିଲି ଥାନାକୁ ଆସି ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଜଙ୍ଗଲରୁ ୩୧୨ କିଲୋ ଗଞ୍ଜେଇ ଜବତ



ମାଲକାନଗିରି,୩।୪ (ସମିସ): ମାଲକାନଗିରି ଜିଲ୍ଲା ଓରକଲ ପୁଲିସକୁ ମିଳିଛି ସଫଳତା। ଚାଲାଣ ଉଦ୍ଦେଶ୍ୟରେ ଗଛିତ ୩୧୨ କିଲୋ ଗଞ୍ଜେଇ ଜବତ କଲା ଓରକେଲ ପୁଲିସ। ସୂଚନାନୁଯାୟୀ ଗଞ୍ଜେଇ ବାହାରକୁ ଚୋରା ଚାଲାଣ କରିବା ପାଇଁ ଚାଲାଣକାରୀ ମାନେ ନୂଆଗୁଡା ଜଙ୍ଗଲର ଏକ ପରିତ୍ୟକ୍ତ ସ୍ଥାନରେ ବିପୁଳ ପରିମାଣର ଗଞ୍ଜେଇ ଗଛିତ ରଖିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ନୂଆଗୁଡା ଜଙ୍ଗଲରେ ତଲାସୀ ଆରମ୍ଭ କରିଥିଲେ। ବହୁ ଖୋଜାଖୋଜି ପରେ ୨୬ ବସ୍ତାରେ ୩୧୨ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିବା ତଦନ୍ତକାରୀ ଅଧିକାରୀ ହରପ୍ରିୟା ଶବର କହିଛନ୍ତି। ଜବତ ୩୧୨ କିଲୋ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୨ ଲକ୍ଷରୁ ଅଧିକ ହେବ ବୋଲି ଥାନାଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

# ଏଡିଇଓ ଭଜନଲାଲ ମାଝୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱ



ରାୟଗଡ଼ା,୩।୪(ସମିସ): ରାୟଗଡ଼ା ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀଙ୍କୁ ପ୍ରଦାନ କରାଯାଇଛି। ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶ୍ରୀ ମାଝୀଙ୍କୁ ଆର୍ଥିକ କ୍ଷମତା ସହ ରାୟଗଡ଼ା ଜିଲ୍ଲାଶିକ୍ଷାଧିକାରୀ ଦାୟୀତ୍ୱ ପ୍ରଦାନ କରିଛନ୍ତି। ଶ୍ରୀ ମାଝୀ ଶୁକ୍ରବାର ଦିନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ଜିଲ୍ଲା ଶିକ୍ଷାଧିକାରୀ ରୂପେ ନିଜର ଆନୁଷ୍ଠାନିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାମଚନ୍ଦ୍ର ନାହାକ ଏଥିପୂର୍ବରୁ ରାୟଗଡ଼ା ଜିଲ୍ଲା ଶିକ୍ଷାଧିକାରୀ ରୂପେ କାର୍ଯ୍ୟ କରି ଗତ ମାର୍ଚ୍ଚ ୩୧ ତାରିଖରେ ଅବସରଗ୍ରହଣ କରିଥିଲେ। ଏଡିଇଓ ଭଜନଲାଲ ମାଝୀ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକରି ଅନେକ ପ୍ରଶଂସା ସାଉଁଟିଛନ୍ତି । ଶୁକ୍ରବାର ଦିନ ଦାୟିତ୍ୱ ଗ୍ରହଣ ପରେ ସମଗ୍ର ଶିକ୍ଷା ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୀଳାଞ୍ଚଳ ମିଶ୍ର, ନରେଶ ସିଂ, ଦୀପକ କୁମାର ରାଉତ, ସରୋଜ କୁମାର ପତ୍ରୀ, ବିଜୟ କୁମାର ପଣ୍ଡା, ଉମାକାନ୍ତ ପଣ୍ଡା, ସଦାନନ୍ଦ ନାୟକ ସମେତ ରାୟଗଡ଼ା ବ୍ଲକ୍ ସ୍ଥିତ ସମସ୍ତ କ୍ଲଷ୍ଟର ସଂଯୋଜକ, ରାୟଗଡ଼ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମାଝୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ଏପ୍ରିଲରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଥିବାରୁ ପ୍ରବେଶ ଉତ୍ସବ, ଖଡିଛୁଆଁ କାର୍ଯ୍ୟକ୍ରମ ସହ ପରିବର୍ତ୍ତିତ ପାଠ୍ୟକ୍ରମ ଅନୁଯାୟୀ ପାଠ୍ୟପୁସ୍ତକ ସମସ୍ତ ବିଦ୍ୟାଳୟରେ ପହଞ୍ଚିବ। ତାହାକୁ ବର୍ତ୍ତମାନ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ମାଝୀ ପ୍ରକାଶ କହିଛନ୍ତି।

# ପୋଡ଼ାଗଡ଼ ଅଞ୍ଚଳରେ କାଳବୈଶାଖୀ



ପୋଡ଼ାଗଡ଼,୩।୪(ସମିସ): କାଳବୈଶାଖୀର ପ୍ରଭାବ ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଛି। କୋରାପୁଟ-ରାୟଗଡ଼ା ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ବଙ୍ଗଳା ଗୁଡା ନିକଟରେ ଏକ ବିରାଟ କାୟ ଆମ୍ବ ଗଛ ରାସ୍ତା ଉପରେ ପଡ଼ିଯିବା ଫଳରେ କିଛି ସମୟ ପାଇଁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିବା ଦେଖିବାକୁ ମିଳିଛି। ଯେଉଁ ଗଛ ପଡ଼ି ଯାଇଥିଲା, ସେହି ଗଛକୁ ଲାଗି ଦୁଇଟି ଘର ରହିଛି। ସୌଭାଗ୍ୟବଶତଃ ଗଛଟି ଘର ଆଡ଼କୁ ନ ପଡ଼ି ରାସ୍ତା ଆଡକୁ ପଡ଼ିଛି। ଯଦି ଘର ଆଡ଼କୁ ପଡ଼ିଥାନ୍ତା ତାହେଲେ ପରିବାର ସଦସ୍ୟଙ୍କର ବହୁ କ୍ଷତି ହୋଇଥାନ୍ତା। ନ ଗଛ ପଡ଼ିବା ଜାଣି ଗ୍ରାମର କିଛି ଲୋକ ଆସି ଗଛ କାଟି ରାସ୍ତା ସଫା କରିଥିଲେ। ରାସ୍ତା ସଫା ପରେ ଯିବା ଆସିବା ସ୍ୱାଭାବିକ ହଇଥିଲା। ସେହିପରି ଗ୍ରାମ ନିକଟସ୍ଥ କାଜୁ କାରଖାନାର ଶ୍ରମିକ ରହିବା ଘରର ଆଜବେଷ୍ଟର୍ସ ସମ୍ପୂର୍ଣ ପବନରେ ଉଡ଼ି ଯାଇଥିବା ଦେଖିବାକୁ ମିଳିଛି। ସେହି ଘରେ ଥିବା ଶ୍ରମିକ ମାନେ ଅତ୍ୟଧିକ ପବନ ହେବାରୁ ବଙ୍ଗଳା ଗୁଡା ଗ୍ରାମକୁ ସପରିବାର ଆସିଥିବାରୁ ବିପଦରୁ ବର୍ତ୍ତି ଯାଇଛନ୍ତି। ଅନ୍ୟ ପକ୍ଷରେ ପୋଡ଼ାଗଡ ହାଟ ପଦା ନିକଟରେ ଏକ ଗଛ ରାସ୍ତା ଉପରେ ପଡ଼ିଯିବା ହେତୁ ସେଠାରେ ମଧ୍ୟ କିଛି ସମୟ ପାଇଁ ଯାତାୟତ ଅଟକି ଯାଇଥିଲା। କିନ୍ତୁ ସ୍ଥାନୀୟ ବ୍ୟବସାୟୀ ମାନେ ଗଛ କାଟି ସଫା କରିଥିଲେ। ସେହିପରି କୋରାପୁଟ ସଦର ବ୍ଲକ ଅଧିନସ୍ଥ ବାରି ଗୁଡା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ନିକଟରେ ବିରାଟକାୟ ପଣସ ଗଛ ପଡ଼ିଯାଇଥିବା ଦେଖା ଦେଇଛି।

# ଅନାଥ ଶିଶୁଙ୍କୁ 'ଗ୍ରୀନ୍ ଇଣ୍ଡିଆ' ସଦସ୍ୟଙ୍କ ସହାୟତା



ଲକ୍ଷ୍ମୀପୁର,୩।୪(ସମିସ): ତିନି କୁନି କୁନି ପିଲାଙ୍କୁ ଛାଡ଼ି ଚାଲିଗଲେ ବାପା ଓ ମା'। ୩ ମାସ ତଳେ ମା' ଓ ଅଳ୍ପ କିଛି ଦିନ ତଳେ ବାପା ଆରପାରିକୁ ଚାଲି ଗଲେ। ସାହାରା କହିଲେ ଏମାନଙ୍କର ଜେଜେମା । ଜେଜେମା'ର ବୟସ ମଧ୍ୟ ୭୦ରୁ ଅଧିକ। ସେ ପୁଣି ଅନ୍ୟର ସାହାରା ଖୋଜୁଛନ୍ତି। ଏପରି ଅସହାୟ ଅବସ୍ଥାରେ ରହି ଥିଲେ କୁନି କୁନି ପିଲା ଓ ଜେଜେମା । ଦ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତ ର ମାରବାଇଗୁଡା ଗାଁରେ ଏପରି ଅସହାୟ ଶିଶୁଙ୍କ ଖବର ଜାଣିବା ପରେ ଶୁକ୍ରବାର ଦିନ ଲକ୍ଷ୍ମୀପୁର ଗ୍ରୀନ ଇଣ୍ଡିଆ ଫାଉଣ୍ଡର ଗୋପେଶ୍ୱର ଗରଡା ଓ ଅନ୍ୟ ସଦସ୍ୟ ମାନେ ମିଳିତ ଭାବେ ପିନ୍ଧିବାକୁ ବସ୍ତ୍ର, ଖାଇବାକୁ ଚାଉଳ ଏବଂ କିଛି ଅର୍ଥ ରାଶି ପ୍ରଦାନ କରି ମହାନତା ଦେଖାଇଛନ୍ତି। ଶୁକ୍ରବାର ଏହି ସହାୟତା ପ୍ରଦାନ ସମୟରେ ତପସ୍ୱିନୀ ପାଢ଼ୀ ମଧ୍ୟ ଉକ୍ତ ସ୍ଥାନରେ ପହଞ୍ଚି ଅନାଥ ଶିଶୁଙ୍କୁ ଚାଇଲ୍ଡ ଲାଇନ୍‌କୁ ନେଇ ସେଠାର ରଖି ପିଲାମାନଙ୍କ ଭବିଷ୍ୟତ କିପରି ନଷ୍ଟ ନ ହେବ ସେ ନେଇ ଜେଜେ ମା'ଙ୍କୁ ବୁଝାଇ ଥିଲେ। ଏହା ଶୁଣିବା ପରେ ଜେଜେ ମା' ଗାଁ ଠାରୁ ଚାଇଲ୍ଡ ଲାଇନ୍ ସେଣ୍ଟର ପର୍ଯ୍ୟନ୍ତ ଯାଇ ଥିଲେ । କିନ୍ତୁ ସେଠାକୁ ଗଲା ପରେ ପିଲାଙ୍କୁ ସେଠାରେ ଛାଡ଼ିବା ପାଇଁ ରାଜି ହୋଇ ନ ଥିଲେ। ପୁଣି ଘରକୁ ଫେରାଇ ନେବାକୁ ଚାଇଲ୍ଡ ଲାଇନ୍ ସଦସ୍ୟାଙ୍କୁ କହିଥିଲେ। ଶିଶୁ ମାନଙ୍କୁ ସରକାରୀ ନିୟମ ଅନୁସାରେ ସବୁ ନିୟମ ଅବଲମ୍ବନ କରି ନିଆଯାଇ ଥିବା ଯୋଗୁଁ ପୁନର୍ବାର ସଙ୍ଗେ ସଙ୍ଗେ ଫେରସ୍ତ କରିବା ଅସମ୍ଭବ ବୋଲି କହିଥିଲେ। ସୋମବାର ଦିନ ନିୟମ ଅନୁସାରେ ଫେରସ୍ତ କରିବାକୁ ଜେଜେ ମା'ଙ୍କୁ ବୁଝାଇ ଥିଲେ ସଦସ୍ୟା ଜଣକ। ସୋମବାର ଯଦି ପରିବାର ଲୋକେ ଚାଇଲ୍ଡ କେୟାର ସେଣ୍ଟରରେ ରଖିବାକୁ ଅରାଜି ହେବେ, ତେବେ ଶିଶୁମାନଙ୍କୁ ପୁଣି ଫେରାଇ ଦିଆଯିବ ବୋଲି କୁହାଯାଇଛି।

# ଫୁଟପାଥ୍ ଜଳଖିଆ ଓ ଚା ଦୋକାନୀଙ୍କୁ ଗ୍ୟାସ୍ ସିଲିଣ୍ଡର ପ୍ରଦାନ ଦାବି



ଜୟପୁର, ୩।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଅଧିକାଂଶ ଫୁଟପାଥ ଜଳିଖିଆ ଓ ଚା ଦୋକାନୀ ସେମାନଙ୍କ ନିଜର ଓ ପରିବାରର ଜୀବନଜୀବିକା ନିର୍ବାହ କରିଥାଆନ୍ତି। ବର୍ତ୍ତମାନ ସାରା ଦେଶରେ ରନ୍ଧନ ଗ୍ୟାସ ସିଲିଣ୍ଡର ସଙ୍କଟ ଯୋଗୁଁ ଜୟପୁର ସହରରେ ମଧ୍ୟ ଏହି ବ୍ୟବସାୟୀଙ୍କ ବ୍ୟବସାୟ ଉପରେ ପ୍ରଭାବ ପଡ଼ିଛି। ଏପରି ଗ୍ୟାସ ସଙ୍କଟ ଯୋଗୁଁ ଅଧିକାଂଶ ଫୁଟପାଥର ଚା ଓ ଜଳଖିଆ ଦୋକାନ ବନ୍ଦ ହୋଇଯାଇଛି। ଗ୍ୟାସ ମିଳୁନଥିବା ଯୋଗୁଁ ବ୍ୟବସାୟୀ କରି ନ ପାରିବା ଯୋଗୁଁ ଦୈନିକ ଜୀବନ ଜୀବିକା ଉପରେ ପ୍ରଭାବ ପଡିଛି। ସହରରେ ରହିଥିବା ୪ ବିଭିନ୍ନ କମ୍ପାନୀର ଗ୍ୟାସ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ମାନେ ବଡ଼ ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟକୁ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଯୋଗାଣ କରୁଥିବା ବେଳେ ଏମାନଙ୍କୁ ଉକ୍ତ ସିଲିଣ୍ଡର ପ୍ରଦାନ କରାନ ଯାଇ ସିଧା ମନା କରୁଛନ୍ତି ଡିଷ୍ଟ୍ରିବ୍ୟୁଟର କର୍ତ୍ତୃପକ୍ଷ। ଘରୋଇ ଗ୍ୟାସ ଗୁଡିକ କଳାବଜାରରେ ସିଲିଣ୍ଡର ପିଛା ୧୫୦୦ରୁ ୨୦୦୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ସେହିପରି ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରିଲେ ପ୍ରଶାସନର ଚଢ଼ଉ ଭୟ ରହିଥିବା ଯୋଗୁଁ ଏହି ଛୋଟ ବ୍ୟବସାୟୀ ମାନେ ସେମାନଙ୍କ ବ୍ୟବସାୟୀକ ପ୍ରତିଷ୍ଠାନ ଖୋଲାପାରୁନାହାନ୍ତି। ତେଣୁ ସେମାନଙ୍କ ସମସ୍ୟା ଦ୍ୱିଗୁଣିତ ହେବା ସହିତ ପେଟ ପୋଷିବା ପାଇଁ ମଧ୍ୟ ସମସ୍ୟା ଦେଖାଦେଇଛି । ଫୁଟପାଥ, ହୋଟେଲ ଏବଂ ଚା ଦୋକାନରେ ଦୈନିକ ମଜୁରୀ ଭାବେ କାର୍ଯ୍ୟକରୁଥିବା କର୍ମଚାରୀ ମାନେ ମଧ୍ୟ ଦୋକାନ ବନ୍ଦ ରହୁଥିବା ଯୋଗୁଁ ସେମାନଙ୍କ ପରିବାର ଚଳାଇବା ଅସହ୍ୟ ହୋଇଯାଇଛି। ଏଥିନେଇ ଜୟପୁର ସହରର କିଛି ସମାଜସେବୀ ଗତକାଲି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ସହରର ଫୁଟପାଥ ଜଳଖିଆ ଓ ଚା ଦୋକାନୀଙ୍କୁ ଚିହ୍ନଟ କରିବା ସହିତ ଗ୍ୟାସ ସିଲିଣ୍ଡର ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସମାଜସେବୀ ଅରୁଣା ଅରୁଣା ଗୟଲ, ସୁଜାତା ଆଶା, ଅନୁକେଜ କୁଲଦିପ, ସମିମା ବାନୋ, କେ.ଇଶ୍ୱର ସରାଫ, ଶିବ ପ୍ରସାଦ ପଣ୍ଡା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନଜୀବୀ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ




ଜୟପୁର, ୩।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଆଇନଜୀବୀ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କର ଆଜି ଜିଲ୍ଲା କୋର୍ଟ ପରିସରରେ ଶପଥପାଠ ଉତ୍ସବ ଆୟୋଜିତ ହୋଇଥିଲା। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବି ଶଶାନନ୍ଦ ମିଶ୍ର ନୂତନ ଭାବେ ନିର୍ବାଚିତ ମାନଙ୍କ ଶପଥପାଠ କରିଥିଲେ। ଏଥିରେ ନବନିର୍ବାଚିତ ସଭାପତି ବିଜୟ କୁମାର ରାୟ ଜେନାଦେଓ , ଉପସଭାପତି ଶରତ କୁମାର ମାଝି, ସମ୍ପାଦକ ସହଦେବ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭୋଳାନାଥ ପଟ୍ଟନାୟକ, ସହକାରୀ ସମ୍ପାଦକ ପୁଷ୍ପଲତା ସାହୁ, ଲାଇବ୍ରେରୀ ସମ୍ପାଦକ କାହ୍ନୁ ଚରଣ ମିଶ୍ର, ସହକାରୀ ଲାଇବ୍ରେରୀ ସମ୍ପାଦକ ଭାନୁମତି ପୁଜାରୀ, ୫ଜଣ କାର୍ଯ୍ୟକାରୀ ସଦସ୍ୟ ତାରିଣି ପାଣିଗ୍ରାହୀ, ସସ୍ମିତା ଦଣ୍ଡସେନା, ପି.ଶଙ୍କର ରାଓ, ବିଜୟ କୁମାର ଗଣ୍ଡ, ବିଶ୍ୱନାଥ ଆଚାରୀ ଶପଥ ଗ୍ରହଣ କରିଛନ୍ତି। ଆଜିର ଶପଥ ଗ୍ରହଣ ଉତ୍ସବରେ ପୂର୍ବତନ ସଭାପତି ସୋରଜ କୁମାର ଦାଶ, ରାଜ୍ୟବାର କାର୍ଯ୍ୟକାରୀ ସଦସ୍ୟ ପି.ରମେଶ ପାତ୍ର ଏବଂ ଶତାଧିକ ଆଇନଜୀବି ମାନେ ଉପସ୍ଥିତ ରହିଥିଲେ। ସେହିପରି ନବନିର୍ବାଚିତ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ ପରେ ଜିଲ୍ଲା ଜଜଙ୍କ ସମେତ ଅନ୍ୟାନ୍ୟ ଜଜଙ୍କୁ ତାଙ୍କ କକ୍ଷରେ ସାକ୍ଷାତ କରିଛନ୍ତି। ପ୍ରକାଶଯେ, କାର୍ଯ୍ୟକାରୀ ସଦସ୍ୟ ପାଇଁ ସମୁଦାୟ ୭ଟି ପଦବୀ ରହିଥିବା ବେଳେ ୪ଜଣ ପୁରୁଷ ଏବଂ ୩ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କିନ୍ତୁ ୪ଟି ପୁରୁଷ ପଦବୀ ପାଇଁ ନିର୍ବାଚିତ ହୋଇଥିବା ବେଳେ ୩ ଟି ମହିଳା ପଦବୀ ମଧ୍ୟରୁ କେବଳ ଜଣେ ମହିଳା ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। କିନ୍ତୁ ଅନ୍ୟ ୨ଟି ପଦବୀ ପାଇଁ ଖାଲି ରହିଛି। ତେଣୁ ଉକ୍ତ ପଦବୀ ପାଇଁ ଆସନ୍ତା ୫ ତାରିଖରୁ ନାମାଙ୍କନ ପତ୍ର ପ୍ରଦାନ କରାଯିବ ଏବଂ ୭ ତାରିଖ ସୁଦ୍ଧା ଦାଖଲ କରାଯିବ। ଯଦି ଦରକାର ପଡ଼େ ଆସନ୍ତା ୨୦ ତାରିଖ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମିଶ୍ର ପ୍ରକାଶ କହିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୮୪
- ପାଉଣ୍ଡ ୧୨୪.୦୫
- ୟୁରୋ ୧୦୮.୧୫
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୬,୭୭୬ (ନୂଆଦିଲ୍ଲୀ)
- ରୁପା : ୨,୩୨,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୩୧୯.୦୦
- ନିଫ୍ଟି ୨୨,୭୧୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ବିଶ୍ୱ ଖାଦ୍ୟ ସଂଗଠନର ଚେତାବନୀ**

# ଯୁଦ୍ଧ ଆଣିବ ଖାଦ୍ୟ ସଙ୍କଟ

ୱାଶିଂଟନ୍,୩।୪(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଇରାନ ସଂଘର୍ଷ ଏବେ ସାରା ବିଶ୍ୱକୁ ଏକ ବଡ଼ ବିପଦ ଆଡକୁ ଠେଲିଦେଇଛି। ଇରାନ ଯୁଦ୍ଧ ଥମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ତୈଳ ମୂଲ୍ୟରେ ବୃଦ୍ଧି ଫଳରେ ବିଶ୍ୱବ୍ୟାପୀ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଛି। ମାର୍ଚ୍ଚ ମାସରେ ବିଶ୍ୱରେ ଖାଦ୍ୟ ସାମଗ୍ରୀ ଦର ଗତ ବର୍ଷର ସେପ୍ଟେମ୍ବର ପରଠାରୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଯଦି ଏହି ଯୁଦ୍ଧ ଜାରି ରୁହେ, ତେବେ ପରିସ୍ଥିତି ଆହୁରି ଖରାପ ହୋଇପାରେ। ତେଣୁ ଯଦି ଇରାନ ଯୁଦ୍ଧ ୪୦ ଅର୍ଥାତ୍ ଆଉ ୧୦ ଦିନ ପର୍ଯ୍ୟନ୍ତ ଜାରି ରହେ, ତେବେ ବିଶ୍ୱରେ ଖାଦ୍ୟ ସଙ୍କଟ ଦେଖିବାକୁ ମିଳିବ ବୋଲି ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ) ଚେତାବନୀ ଦେଇଛି।



ମଧ୍ୟ ପ୍ରାଚ୍ୟ ସଙ୍କଟରେ ତେଲ ଏବଂ ଗ୍ୟାସ ମୂଲ୍ୟରେ ସମ୍ପ୍ରତି ତୀବ୍ର ବୃଦ୍ଧି ଯୋଗୁଁ ବିଶ୍ୱରେ ଏବେ ଖାଦ୍ୟ ମହଙ୍ଗା। ତଥାପି, ବିଶ୍ୱରେ ଖାଦ୍ୟ ଶସ୍ୟର ପର୍ଯ୍ୟାପ୍ତ ଯୋଗାଣ ଯୋଗୁଁ ମୂଲ୍ୟରେ ବର୍ତ୍ତମାନ ଯୁଦ୍ଧ ଅହେତୁକ ବୃଦ୍ଧି ହୋଇନାହିଁ। ଯଦି ଯୁଦ୍ଧ ୪୦ ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଜାରି ରହେ ଏବଂ କଞ୍ଚାମାଲର ମୂଲ୍ୟ ବଢ଼ିଯାଏ ତେବେ ଚାଷୀମାନେ ବିହନ ପରିମାଣ ହ୍ରାସ କରି କମ୍ ସାର ବ୍ୟବହାର କରୁଥିବା ଫସଲକୁ ସ୍ଥାନାନ୍ତରିତ ହୋଇପାରନ୍ତି ବୋଲି ଖାଦ୍ୟ ଏବଂ କୃଷି ସଂଗଠନର ମୁଖ୍ୟ ଅର୍ଥନୀତିଜ୍ଞ ମ୍ୟାକ୍ସିମୋ ଟୋରେରୋ କହିଛନ୍ତି। ଟୋରେରୋ କହିଛନ୍ତି ଯେ ଯଦି ଚାଷୀମାନେ ଏହା କରନ୍ତି, ତେବେ ଏହା ଭବିଷ୍ୟତର ଉତ୍ପାଦନକୁ ପ୍ରଭାବିତ କରିବ। ଆଗକୁ ଖାଦ୍ୟ ଯୋଗାଣ ଏବଂ ସାମଗ୍ରୀ ମୂଲ୍ୟ ପ୍ରଭାବିତ ହୋଇପାରେ। ଏଫ୍‌ଏଓର ଖାଦ୍ୟ ମୂଲ୍ୟ ସୂଚକାଙ୍କ ଫେବୃଆରୀ ତୁଳନାରେ ମାର୍ଚ୍ଚ ମାସରେ ୨.୪ ପ୍ରତିଶତ ବୃଦ୍ଧି ପାଇଛି। ଏହା ଗତ ବର୍ଷ ତୁଳନାରେ ୧ ପ୍ରତିଶତ ଅଧିକ। ତଥାପି, ଏହା ୨୦୨୨ ମାର୍ଚ୍ଚର ସର୍ବୋଚ୍ଚ ସ୍ତର ତୁଳନାରେ ପ୍ରାୟ ୨୦% କମ୍, ଯାହା ୟୁକ୍ରେନ୍ ଯୁଦ୍ଧ ପ୍ରାରମ୍ଭରେ ରହିଥିଲା। ଫେବୃଆରୀ ତୁଳନାରେ ମାର୍ଚ୍ଚ ମାସରେ ଖାଦ୍ୟଶସ୍ୟ ମୂଲ୍ୟ ସୂଚକାଙ୍କ ୧.୫% ବୃଦ୍ଧି ପାଇଛି। ଏହା ଅନ୍ତର୍ଜାତୀୟ ଗହମ ମୂଲ୍ୟରେ ୪.୩% ବୃଦ୍ଧି ଯୋଗୁଁ ହୋଇଥିଲା। ଏହା ଆମେରିକାରେ ଫସଲ ହାନୀର ଭୟ ଏବଂ ସାର ସଙ୍କଟରେ ଅଷ୍ଟ୍ରେଲିଆରେ ବିହନ କମ୍ ହେବା ଯୋଗୁଁ ହୋଇଥିଲା। ଅପରପକ୍ଷେ ମକା ଦର ସାମାନ୍ୟ ବୃଦ୍ଧି ପାଇଛି, ଯେତେବେଳେ କି ଚାହିଦା ଦୁର୍ବଳ ଥିବାରୁ ଚାଉଳ ଦର ୩% ହ୍ରାସ ପାଇଛି।

ଏସବୁବାଦ୍, ଇରାନ୍ ଯୁଦ୍ଧ ଦୁନିଆରେ ସ୍ପଷ୍ଟ ଭାବରେ ବିଶ୍ୱ କୃଷି କ୍ଷେତ୍ରକୁ ପ୍ରଭାବିତ କରୁଛି। ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ବାଧା ଯୋଗୁଁ ଚାରିଆଡେ ସାର ଅଭାବ ଘନୀଭୂତ ହୋଇଛି। ବିଶେଷ କରି ଭାରତରେ ସାର ଅଭାବ ବିଶ୍ୱବ୍ୟାପୀ ଚାଷୀଙ୍କ ପାଇଁ ଖର୍ଚ୍ଚ ବୃଦ୍ଧି ପାଇଛି। ଏଭଳି ସ୍ଥିତି ଭବିଷ୍ୟତରେ ଖାଦ୍ୟ ମୂଲ୍ୟ ବୃଦ୍ଧି ଘଟାଇବାର ଆଶଙ୍କା ସୃଷ୍ଟି କରିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ମାର୍ଗରେ ଇରାନର କଟକଣା ବିଶ୍ୱବ୍ୟାପୀ ସାର ଯୋଗାଣକୁ ପ୍ରଭାବିତ କରିଛି। ଏହି ଜଳପଥ ବିଶ୍ୱର ପ୍ରାୟ ୨୦% ତେଲ ଏବଂ ସାର କାରବାରର ପ୍ରାୟ ଏକ ତୃତୀୟାଂଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-କାର୍ଯ୍ୟକାରୀ ନିର୍ଦ୍ଦେଶକ କାର୍ଲ ସ୍କାଉ ସତର୍କ କରାଇ ଦେଇଛନ୍ତି ଯେ ଏହି ସଙ୍କଟ ବିକାଶଶୀଳ ଦେଶଗୁଡ଼ିକର ଚାଷୀଙ୍କ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ସେ କହିଥିଲେ ଯେ ସବୁଠାରୁ ଖରାପ ପରିସ୍ଥିତିରେ ଫସଲ ଉତ୍ପାଦନ ହ୍ରାସ ପାଇପାରେ କିମ୍ବା ଫସଲ ବିଫଳ ହୋଇପାରେ, ଯେତେବେଳେ ସର୍ବୋତ୍ତମ ପରିସ୍ଥିତିରେ ମଧ୍ୟ, ବୃଦ୍ଧି ପାଇଥିବା ଖର୍ଚ୍ଚ ଖାଦ୍ୟ ମୂଲ୍ୟକୁ ପ୍ରଭାବିତ କରିବ। ସାର ପାଇଁ ଉପସାଗର ଉପରେ ନିର୍ଭରଶୀଳ ଆଫ୍ରିକୀୟ ଏବଂ ଏସୀୟ ଦେଶ ଫସଫେଟ୍ ସାର ଯୋଗାଣ ମଧ୍ୟ ଚାପରେ ଅଛି। ଉପସାଗର ଅଞ୍ଚଳରୁ ସାର ଆମଦାନୀ ଉପରେ ନିର୍ଭର କରୁଥିବା ଅନେକ ଆଫ୍ରିକୀୟ ଏବଂ ଏସୀୟ ଦେଶ ପୂର୍ବରୁ ଏକ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

# ମଶାଣିରେ ଲୁଚାଇଥିଲେ ୪୧୪ ଗ୍ୟାସ୍ ସିଲିଣ୍ଡର



ହାଇଦ୍ରାବାଦ୍,୩।୪(ଏଜେନ୍ସି): ଇରାନ୍ ଯୁଦ୍ଧରେ ଦେଶରେ ରନ୍ଧନ ଗ୍ୟାସ୍ ସଙ୍କଟ ଉତ୍କଟ ରୂପ ନେଇଛି। ଏଲ୍‌ପିଜି ସିଲିଣ୍ଡର ଅଭାବରୁ ହୋଟେଲ ଏବଂ ରେଷ୍ଟୋରାଁ ବି ବନ୍ଦ ହୋଇଗଲାଣି। ଏପରି ପରିସ୍ଥିତିରେ ଗ୍ୟାସ କଳାବଜାରି ବଢ଼ିଯାଇଛି। ଏଲ୍‌ପିଜି ସଙ୍କଟ ମଧ୍ୟରେ ଏକ ମଶାଣିରୁ ଜବତ ହୋଇଛି ୪୧୪ଟି ଚୋରା ଏଲପିଜି ସିଲିଣ୍ଡର। ହାଇଦ୍ରାବାଦର ବଞ୍ଜାରା ହିଲ୍ସ ଅଞ୍ଚଳରେ ଏହି ଘଟଣା ଘଟିଛି। ଜୁବିଲି ହିଲ୍ସ ଜୋନ୍‌ର ଟାସ୍କ ଫୋର୍ସ ଏବଂ ବଞ୍ଜାରା ହିଲ୍ସ ପୋଲିସ ଦ୍ୱାରା କରାଯାଇଥିବା ଚଢାଉ ସମୟରେ ଏତେ ମାତ୍ରାରେ ଚୋରା ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି। ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି। ୧୧ଟି ଗାଡ଼ିରେ ଲୋଡ୍ ହୋଇଥିଲା ଏହି ସବୁ ଏଲପିଜି ସିଲିଣ୍ଡରର ଆନୁମାନିକ ମୂଲ୍ୟ ପ୍ରାୟ ୨୨ ଲକ୍ଷ ଟଙ୍କା ହେବ। ଜଣେ ଲାଇସେନ୍ସ ପ୍ରାପ୍ତ ଗ୍ୟାସ ଏଜେନ୍ସି ମାଲିକ ମହମ୍ମଦ ଆମିର ଏହି ଘଟଣାର ମୁଖ୍ୟ କାର୍ପଟଦାର ଥିବା କୁହାଯାଉଛି। ଆମିରଙ୍କ ବ୍ୟତୀତ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ମହମ୍ମଦ ୟୁସୁଫ, ମହମ୍ମଦ ଇସମାଇଲ, ଏ ରାମା ରାଓ, ଲୋକ କୁମାର, ମହମ୍ମଦ ସକରୁଦ୍ଦିନ, ମହମ୍ମଦ ମୁନ୍ତାଜ ଅନସାରୀ, ମହମ୍ମଦ ମିନାଜ ଅନସାରୀ, ରାଜେଶ ପାଲ ଏବଂ ରାମ ରାଜ ସିଂହ। ସେମାନେ ଏହି ରନ୍ଧନ ଗ୍ୟାସ ସଲିଣ୍ଡରଗୁଡ଼ିକୁ ଲୁଚାଇ ରଖି ଚଢ଼ା ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସେମାନେ ହୋଟେଲ ଏବଂ ରେଷ୍ଟୋରାଁଗୁଡିକୁ ଏହି ଏଲପିଜି ସିଲିଣ୍ଡର ତିନି ଗୁଣ ଚଢ଼ା ଦରରେ ମୂଲ୍ୟରେ ବିକ୍ରି କରୁଥିଲେ। ସୂଚନାଯୋଗ୍ୟ ଯେ, ଆଜି ଦେଶରେ ପ୍ରାୟ ୨୬୦୦ ସ୍ଥାନରେ ଚଢାଉ କରାଯାଇଥିଲା। ଏହି ସମୟରେ ପ୍ରାୟ ୭୦୦ ସିଲିଣ୍ଡର ଜବତ କରାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ଅସ୍ଥିରତା ସତ୍ତ୍ୱେ ଏଲପିଜି ଗ୍ୟାସର ମୂଲ୍ୟ ସ୍ଥିର ରହିଛି ଏବଂ ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟରେ କୌଣସି ବୃଦ୍ଧି ହୋଇ ନ ଥିବା ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୁଜାତା ଶର୍ମା କହିଛନ୍ତି।

**ତିନି ଗୁଣ ଚଢ଼ା ମୂଲ୍ୟରେ ବିକୁଥିଲେ**

**ମାଡ଼ିବସିଲା ସ୍ୱତନ୍ତ୍ର ଟାସ୍କଫୋର୍ସ**

# ହର୍ମୁଜ୍ ପାର୍ ପାଇଁ ୟୁଆନ୍‌ରେ ଟୋଲ୍ ମାଗୁଛି ଇରାନ୍

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଆମେରିକୀୟ ଡଲାରକୁ ଏକ ବଡ଼ ଝଟକା ଲାଗିଛି। ଇରାନ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଶୋଧିତ ତୈଳ ମାର୍ଗ ଦେଇ ଜାହାଜ ଚଳାଚଳ ପାଇଁ ଡଲାର ବଦଳରେ ଚୀନ୍ ମୁଦ୍ରା ୟୁଆନ୍‌ରେ ଏକ ବଡ଼ ଶୁଳ୍କ ମାଗିବା ଆରମ୍ଭ କରିଛି। ଏହି ପଦକ୍ଷେପ ଆମେରିକାରେ ଆତଙ୍କ ସୃଷ୍ଟି କରିଥିବା ବେଳେ, ଚୀନ୍‌ର ଷ୍ଟକ୍ ବଜାରରେ ପେମେଣ୍ଟ କମ୍ପାନୀଗୁଡ଼ିକର ସେୟାର ବୃଦ୍ଧି ପାଇଛି। ବର୍ତ୍ତମାନ ବିଶ୍ୱ ବଜାରରେ ଏକ ଅଶାନ୍ତି ଦେଖାଦେଇଛି ଯାହା ଆମେରିକାକୁ ଜାଗ୍ରତ କରିଛି। ଦଶନ୍ଧି ଧରି ଆମେ ଶୁଣିଛୁ ଯେ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଆମେରିକୀୟ ଡଲାରରେ ବ୍ୟବସାୟ ହୁଏ, ଏବଂ ଏହା ଆମେରିକାର ଶକ୍ତି ନିର୍ଣ୍ଣୟ କରେ। କିନ୍ତୁ ବର୍ତ୍ତମାନ, ମଧ୍ୟପ୍ରାଚ୍ୟର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରୁ ଖବର ଆସିଛି ଯାହା ଡଲାରର ପ୍ରାଧାନ୍ୟକୁ ଶେଷ କରିପାରେ। ଇରାନ ସ୍ପଷ୍ଟ କରିଛି ଯେ ଯଦି ତୈଳ ଜାହାଜଗୁଡ଼ିକ ତା'ର ଅଞ୍ଚଳ ଦେଇଯାଆନ୍ତି,



ତେବେ ଟୋଲ୍ ଟ୍ୟାକ୍ସ ଆମେରିକୀୟ ଡଲାରରେ ନୁହେଁ, ବରଂ ଚୀନ୍ ମୁଦ୍ରା ୟୁଆନ୍‌ରେ ଦିଆଯିବ। ଏହି ଏକକ ନିଷ୍ପତ୍ତି ଚୀନ୍ ଷ୍ଟକ୍ ବଜାରକୁ ଉପରମୁହାଁ କରାଇଛି।

ଇରାନର ନୂତନ 'ଟୋଲ୍ ବୁଥ୍' ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱର ଅଶୋଧିତ ତୈଳର ସବୁଠାରୁ ବଡ଼ ଉତ୍ସ। ଯୁଦ୍ଧ ଏବଂ ଉତ୍ତେଜନା ମଧ୍ୟରେ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ନିଜର କବ୍‌ଜାକୁ ଯଥେଷ୍ଟ ମଜବୁତ କରିଛି। ମନି କଣ୍ଟ୍ରୋଲ୍ ରିପୋର୍ଟ ଅନୁଯାୟୀ, ଇରାନ ଏବେ ଏହି ମାର୍ଗ ଦେଇ ଯାଉଥିବା ବଡ଼ ତୈଳ ଜାହାଜଗୁଡ଼ିକଠାରୁ ଏକ ବଡ଼ ଶୁଳ୍କ ଆଦାୟ କରୁଛି। ଏହି ପରିମାଣ ପ୍ରାୟ ୧ ଡଲାର ପ୍ରତି ବ୍ୟାରେଲ ସ୍ଥିର କରାଯାଇଛି। ଏକ ବଡ଼ ତୈଳ ଜାହାଜ ପ୍ରାୟ ୨ ନିୟୁତ ଡଲାର ବ୍ୟାରେଲ ବହନ କରେ। ଏହାର ଅର୍ଥ ହେଉଛି ଏହି ରାସ୍ତା ଦେଇ ଯିବା ପାଇଁ ଏକ ଜାହାଜକୁ ପ୍ରାୟ ୨ ନିୟୁତ ଡଲାର ସମକକ୍ଷ ଏକ ବଡ଼ ଶୁଳ୍କ ଦେବାକୁ ପଡିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଇରାନ ଏହି ପେମେଣ୍ଟକୁ ଡଲାରରେ ନୁହେଁ, ବରଂ ଚୀନ୍ ମୁଦ୍ରା, ୟୁଆନ୍ କିମ୍ବା ଡିଜିଟାଲ୍ ମୁଦ୍ରାରେ ଗ୍ରହଣ କରୁଛି।

ଯେତେବେଳେ ଖବର ପ୍ରସାରିତ ହେଲା ଯେ ଅନ୍ତର୍ଜାତୀୟ ବାଣିଜ୍ୟରେ ଚୀନ୍‌ର ମୁଦ୍ରା ଏତେ ବ୍ୟବହାର କରୁଛି ହେଉଛି, ଚୀନ୍‌ର ଷ୍ଟକ୍ ବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ଚୀନ ଦୀର୍ଘ ଦିନ ଧରି ଆମେରିକୀୟ ଡଲାରକୁ ପରିତ୍ୟାଗ କରି। ବିଶ୍ୱର ଦେଶଗୁଡ଼ିକୁ ଏହାର ୟୁଆନରେ ବାଣିଜ୍ୟ କରିବାକୁ ପ୍ରୋତ୍ସାହିତ କରୁଛି। ବର୍ତ୍ତମାନ, ହର୍ମୁଜ୍ ପ୍ରଣାଳୀରେ ୟୁଆନର ବ୍ୟବହାର ଚୀନ ପାଇଁ ଏକ ଜୀବନ୍ତ ଉଦାହରଣ ପାଲଟିଛି।

### ଏଟିଏଫ୍ ଦର ଦ୍ୱିଗୁଣ ପରେ କମ୍ପାନୀଙ୍କୁ ସରକାରଙ୍କ ଚେତାବନୀ

# ବିମାନ ଭଡ଼ା ବଢ଼ାଇଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୩।୪ (ଏଜେନ୍ସି): ସମ୍ପ୍ରତି ଘରୋଇ ବଜାରରେ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଏହାପରେ ଅନେକ ବିମାନ କମ୍ପାନୀଗୁଡିକ ଇନ୍ଧନ ସରଚାର୍ଜ ବୃଦ୍ଧି କରିଛନ୍ତି। ଯାତ୍ରୀଙ୍କ ଉପରେ ବର୍ଦ୍ଧିତ ବୋଝକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏବେ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ସରକାର ମହଙ୍ଗା ବିମାନ ଯାତ୍ରାରୁ ଜନସାଧାରଣଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଖୁବ୍ ଶୀଘ୍ର ବିମାନ କମ୍ପାନୀଗୁଡିକ ସହିତ ଏକ ବୈଠକ କରିବାକୁ ଯାଉଛନ୍ତି। ସରକାର ଏ ପର୍ଯ୍ୟନ୍ତ କୌଣସି ଲିଖିତ ନିର୍ଦ୍ଦେଶ ଜାରି କରି ନ ଥିଲେ ମଧ୍ୟ ବିମାନ କମ୍ପାନୀଗୁଡ଼ିକୁ ସେମାନଙ୍କର ମୂଲ୍ୟ ରଣନୀତି ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯାଉଛି। ଅଧିକାରୀମାନେ କହିଛନ୍ତି ଯେ ସରକାରଙ୍କ ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଯାତ୍ରୀ ଭଡ଼ା ବୃଦ୍ଧି ନ ହେବା ନିଶ୍ଚିତ କରିବା।

ବିମାନ କ୍ଷେତ୍ରକୁ ସମର୍ଥନ କରିବା ପାଇଁ ସରକାର ମୋଟ ୨୫% ମୂଲ୍ୟ ବୃଦ୍ଧିକୁ ଅନୁମତି ଦେଇଥିଲେ। ତଥାପି, ସାଧାରଣ ଯାତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଘରୋଇ କାର୍ଯ୍ୟ ପାଇଁ ପ୍ରଭାବଶାଳୀ ବୃଦ୍ଧି ପ୍ରାୟ ୮.୫% ପର୍ଯ୍ୟନ୍ତ ସୀମିତ ଥିଲା। ଏହି ସମୟରେ, ଆନ୍ତର୍ଜାତୀୟ କାର୍ଯ୍ୟ ଏବଂ ଚାର୍ଟାର୍ଡ ବିମାନ ପାଇଁ ଏଟିଏଫ୍ ମୂଲ୍ୟ ପ୍ରାୟ ଦୁଇଗୁଣ ହୋଇଛି, ଯାହା ପ୍ରତି କିଲୋଲିଟର ୯୬,୬୩୮.୧୪ ଟଙ୍କାରୁ ବୃଦ୍ଧି ପାଇ ୨୦୭,୩୪୧.୨୨ ଟଙ୍କା ହୋଇଛି। ଘରୋଇ ଏଟିଏଫ୍ ମୂଲ୍ୟ ବର୍ତ୍ତମାନ ୧୦୪,୯୨୭.୧୮ ଟଙ୍କା ପ୍ରତି କିଲୋଲିଟରରେ ରହିଛି।




**ଏୟାରଲାଇନ୍ସ ସହ ଖୁବ୍ ଶୀଘ୍ର ବୈଠକ**

ସରକାର ଘରୋଇ ବୋଝକୁ କମ୍ କରିବାକୁ ଚେଷ୍ଟା କରିବା ସତ୍ତ୍ୱେ ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ଏହାର ଇନ୍ଧନ ସରଚାର୍ଜକୁ ସଂଶୋଧନ କରିଛି। କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ବିମାନ କମ୍ପାନୀଗୁଡ଼ିକୁ ସେମାନଙ୍କର ବର୍ଦ୍ଧିତ ସରଚାର୍ଜ ଉପରେ ପୁନର୍ବିଚାର କରିବାକୁ ପଡ଼ିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ସରକାର ଚାହାଁନ୍ତି ଯେ ବିମାନ କମ୍ପାନୀଗୁଡ଼ିକ ସମ୍ପୂର୍ଣ୍ଣ ବୋଝ ଗ୍ରାହକଙ୍କ ଉପରେ ଲଦିବା ଏଡ଼ାଇବାକୁ ନ ଚାହାଁନ୍ତି, ବରଂ ଧୀରେ ଧୀରେ ଏହାକୁ ସଜାଡ଼ କରିବାକୁ ଚାହାଁନ୍ତି। ଯଦି ଆଲୋଚନା ସଫଳ ହୁଏ, ତେବେ ଆଗାମୀ ଦିନରେ କିଛି ରୁଟରେ ସରଚାର୍ଜ ହ୍ରାସ କିମ୍ବା ପ୍ରତ୍ୟାହାର କରାଯାଇପାରେ। ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଏ, ବିମାନ କମ୍ପାନୀଗୁଡ଼ିକ ମୂଳ ଭଡ଼ା ବୃଦ୍ଧି କରିବା ପରିବର୍ତ୍ତେ ଟିକେଟରେ ଏକ ଅତିରିକ୍ତ ଶୁଳ୍କ ଯୋଡ଼ନ୍ତି, ଯାହାକୁ ଇନ୍ଧନ ସରଚାର୍ଜ କୁହାଯାଏ। ତୈଳ ମୂଲ୍ୟ ହ୍ରାସ ପାଇଲେ ଏହାକୁ ହ୍ରାସ କିମ୍ବା ଦୂର କରାଯାଇପାରିବ, ଯେତେବେଳେ ମୂଳ ଭଡ଼ା ପରିବର୍ତ୍ତନ କରିବା ଟିକିଏ ଜଟିଳ।

# ଗରିବ ଓ ମଧ୍ୟବିତ୍ତଙ୍କୁ ଆରାମଦାୟକ ସେବା ଯୋଗାଇବା ରେଳବାଇର ପ୍ରାଥମିକତା: ବୈଷ୍ଣବ



ନୂଆଦିଲ୍ଲୀ,୩।୪: କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ରେଳ ଭବନରେ ସାରା ଦେଶର ରେଳ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, ଗରିବ ଏବଂ ମଧ୍ୟମ ବର୍ଗଙ୍କୁ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ଭାରତୀୟ ରେଳବାଇର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି। ଏହି ଲକ୍ଷ୍ୟ ହାସଲ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ଶ୍ରୀ ବୈଷ୍ଣବ ମଧ୍ୟ ସମଗ୍ର ରେଳବାଇ ପରିବାରକୁ ଗତବର୍ଷ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ରେଳ ଦୁର୍ଘଟଣାରେ ଐତିହାସିକ ହ୍ରାସ ଏବଂ ରେକର୍ଡ ସଂଖ୍ୟକ ମାଲ ପରିବହନ ଯୋଗୁଁ ସାରା ଦେଶରେ ଭାରତୀୟ ରେଳବାଇର ଭାବମୂର୍ତ୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ପର୍ବପର୍ବାଣୀ ସମୟରେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନର ପ୍ରଭାବୀ ପରିଚାଳନାକୁ ମଧ୍ୟ ସେ ପ୍ରଶଂସା କରିଥିଲେ, ଯାହା ଯାତ୍ରାର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ସହାୟକ ହୋଇଥିଲା। ଯାତ୍ରୀଙ୍କ ଅଭିଜ୍ଞତାର ଗୁରୁତ୍ୱ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ରେଳ ଷ୍ଟେସନଗୁଡ଼ିକ ଜନସାଧାରଣଙ୍କ ସମ୍ମୁଖରେ ଭାରତୀୟ ରେଳବାଇର ଚେହେରା ଏବଂ ଏହାକୁ ସ୍ୱଚ୍ଛ ତଥା ଭଲ ଭାବେ ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ। ସମସ୍ତ ଷ୍ଟେସନରେ ସ୍ୱଚ୍ଛତା ଏବଂ ଉନ୍ନତ ଯାତ୍ରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ।

# ଡେଟଲ୍‌ର ନୂଆ ଅଭିଯାନ ଆରମ୍ଭ

ମୁମ୍ବଇ,୩।୪: ଭାରତର ଅଗ୍ରଣୀ ଜୀବାଣୁ ସୁରକ୍ଷା ବ୍ରାଣ୍ଡ ଡେଟଲ ଏହାର ଲୋକପ୍ରିୟ ଡେଟଲ ଆଣ୍ଟିସେପ୍ଟିକ ଲିକ୍ୱିଡ ପାଇଁ ଏକ ନୂତନ ଅଭିଯାନ ଆରମ୍ଭ କରିଛି। ଏହା ଏକ ଭାବପ୍ରବଣ କାହାଣୀ ସହିତ ପରିବାରଗୁଡ଼ିକ ସହ ବ୍ରାଣ୍ଡର ସମ୍ପର୍କକୁ ସୁଦୃଢ଼ କରିବା ସହ ଏହାର ଅତୁଳନୀୟ ସୁରକ୍ଷା ଉପରେ ଆଲୋକପାତ କରିଛି। ଏହି ଅଭିଯାନଟି "ମାଆ ଏବଂ ଡେଟଲ୍ ଭଳି ଆଉ କେହି ସୁରକ୍ଷା ଦେଇପାରିବେ ନାହିଁ" ଚିନ୍ତାଧାରାକୁ ଜୀବନ୍ତ କରିଛି। ଭାବପ୍ରବଣତା, ସଂସ୍କୃତି ଏବଂ ବାସ୍ତବତାକୁ ଏକାଠି ବାନ୍ଧି ପ୍ରସୁନ ଯୋଶୀଙ୍କ ଦ୍ୱାରା ଲିଖିତ କାହାଣୀ ଏବଂ ପରିକଳ୍ପନା, ବିଶାଲ ଖୁରାନା କେ'ଙ୍କ ମୂଳ ସଙ୍ଗୀତ, ଜାଭେଦ୍ ଅଲ୍ଲୀଙ୍କ କଣ୍ଠଦାନ, ପ୍ରସୁନ ଯୋଶୀଙ୍କ ରଚିତ ଗୀତ ଏବଂ ଅମିତ ଶର୍ମାଙ୍କ ନିର୍ଦ୍ଦେଶନା ସହ ଏହି ଫିଲ୍ମଟିକୁ ଜୀବନ୍ତ କରାଯାଇଛି। ଏହି ଶୁଭାରମ୍ଭ ସମ୍ପର୍କରେ ରେକିଟ, ଦକ୍ଷିଣ ଏସିଆର ଇଭିପି ରିଜିଓନାଲ ଡାଇରେକ୍ଟର ଗୌରବ ଜୈନ କହିଛନ୍ତି, ଏକାଠି ମିଶି, ମାଆଙ୍କ ସହଜାତ ପ୍ରବୃତ୍ତି ଏବଂ ଡେଟଲର ସୁରକ୍ଷା ଏକ ଏପରି ବନ୍ଧନ ସୃଷ୍ଟି କରୁଛି ଯାହାକୁ ପିଢ଼ି ପିଢ଼ି ଧରି ବିଶ୍ୱାସ କରାଯାଇଛି ଏବଂ ଆଗାମୀ ବର୍ଷଗୁଡ଼ିକ ପାଇଁ ମଧ୍ୟ ବିଶ୍ୱାସ କରାଯିବ।

### ୟୁରୋପରେ ଘନେଇଲା ଶକ୍ତି ସଙ୍କଟ

# ଗ୍ୟାସ ମୂଲ୍ୟ ୭୦%, ତେଲ ଦର ୬୦% ବଢ଼ିଲା

ୱାଶିଂଟନ୍, ୩।୪(ଏଜେନ୍ସି): ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଗତ ଏକ ମାସ ହେବ ଯୁଦ୍ଧ ଜାରି ରହିଛି। କେବଳ କିଛି ଦେଶର ତେଲ ଟ୍ୟାଙ୍କର ଇରାନର ହର୍ମୁଜ ପ୍ରଣାଳୀ ଦେଇ ଯାଇପାରୁଛନ୍ତି, ଯାହା ଫଳରେ ତେଲ ଦର ବୃଦ୍ଧି ପାଇଛି। ତେଲ ଏବଂ ଗ୍ୟାସ ମୂଲ୍ୟ ଆକାଶଛୁଆଁ ହେଉଛି। ବିଶେଷକରି ୟୁରୋପରେ ଏବଂ ୟୁରୋପୀୟ ସଂଘ(ଇୟୁ)ର ଶକ୍ତି କମିଶନର ମଙ୍ଗଳବାର ଏ ନେଇ ଚେତାବନୀ ଦେଇଛନ୍ତି। ଯେ ଆସନ୍ତାକାଲି ଶାନ୍ତି ଘୋଷଣା ହେଲେ ମଧ୍ୟ ଦର ଶୀଘ୍ର ସ୍ୱାଭାବିକ ସ୍ତରକୁ ଫେରିବ ନାହିଁ ବୋଲି ସେ ରୋକ୍‌ଠୋକ୍ କହିଛନ୍ତି।

ଇୟୁ କମିଶନର ଡାନ ଜୋର୍ଗେନସେନ କହିଛନ୍ତି ଯଦିଓ ବର୍ତ୍ତମାନ ତୈଳ ଏବଂ ଗ୍ୟାସ ଯୋଗାଣର ତୁରନ୍ତ ଅଭାବ ନାହିଁ,କିନ୍ତୁ ଡିଜେଲ ଏବଂ ଜେଟ୍ ଇନ୍ଧନ ଯୋଗାଣ ଉପରେ ଚାପ ରହିଛି। ବର୍ତ୍ତମାନ ୟୁରୋପରେ ଗ୍ୟାସ ମୂଲ୍ୟ ପ୍ରାୟ ୭୦% ଏବଂ ତୈଳ ମୂଲ୍ୟ ୬୦% ବୃଦ୍ଧି ପାଇଛି। ଜୋର୍ଗେନସେନଙ୍କ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମଦାନୀ ହୋଇଥିବା ଜୀବାଶ୍ମ ଇନ୍ଧନ ପାଇଁ ଇୟୁର ବିଲ୍ ୧୪



ବିଲିୟନ ୟୁରୋ ବୃଦ୍ଧି ପାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଇୟୁ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍‌ଙ୍କ ପରାମର୍ଶ ଅନୁଯାୟୀ ବିଦ୍ୟୁତ ଉପରେ ଟିକସ ହ୍ରାସ ମଧ୍ୟ ବିଚାର କରାଯାଉଛି। ଜୋର୍ଗେନସେନ ଇୟୁ ସଦସ୍ୟମାନଙ୍କୁ ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ୧୦-ସୂତ୍ରୀ ଯୋଜନା ବିଚାର କରିବାକୁ ମଧ୍ୟ ଉତ୍ସାହିତ କରିଥିଲେ, ଯେଉଁଥିରେ ଘରୁ କାମ କରିବା, ରାଜପଥରେ ଗତି ହ୍ରାସ କରିବା, ସାର୍ବଜନୀନ ପରିବହନକୁ ପ୍ରୋତ୍ସାହିତ କରିବା ଏବଂ କାର ସେୟାରିଂ ବୃଦ୍ଧି କରିବା ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ ଇୟୁ ରୁଷିଆ ଗ୍ୟାସ କ୍ରୟ ଉପରେ ଏହାର ନିଷେଧ ପ୍ରତି ପ୍ରତିଶ୍ରୁତିବଦ୍ଧ, ଯାହାର ଲକ୍ଷ୍ୟ ରୁଷିଆ ଗ୍ୟାସ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ୟୁକ୍ରେନରେ ରୁଷିଆ ଯୁଦ୍ଧ ପାଇଁ ପାଣ୍ଠି ବନ୍ଦ କରିବା। ଯୁଦ୍ଧ ପୂର୍ବରୁ ରୁଷିଆ ଗ୍ୟାସ ଉପରେ ନିର୍ଭରଶୀଳତା ୪୫%ରୁ ହ୍ରାସ ପାଇ ବର୍ତ୍ତମାନ ୧୦% ହୋଇଛି। ଅନ୍ୟ ଯୋଗାଣକାରୀ, ବିଶେଷକରି ଯୁକ୍ତରାଷ୍ଟ୍ରରୁ ଆମଦାନି ବୃଦ୍ଧି ପାଇବା ସହିତ ଏହା ଶୂନ୍ୟକୁ ଖସି ଆସିବ।

# ଜଗନ୍ନାଥ ପ୍ରସାଦ ନାୟକ ଫିକି ଓଡ଼ିଶା ଅଧ୍ୟକ୍ଷ

ଭୁବନେଶ୍ୱର, ୩।୪ (ସମିସ): ଫେଡେରେସନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ୍‌ର ପ୍ରେସିଡେଣ୍ଟ ଓ ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକଙ୍କୁ ଫିକି ଓଡ଼ିଶା ଷ୍ଟେଟ କାଉନସିଲ୍‌ର ନୂତନ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଥିବା ଘୋଷଣା କରିଛି। ଏମ୍‌ଟିଏ ଡିଗ୍ରୀ ସହିତ ଶିଳ୍ପର ବିବିଧ କ୍ଷେତ୍ରରେ ୩୩ ବର୍ଷ ଅଭିଜ୍ଞତା ରହିଥିବା ଜଣେ ସ୍ଥିତପ୍ରଜ୍ଞ ବିନିର୍ମାଣ ଏବଂ ଧାତବ ବୃତ୍ତିଧାରୀ ଭାବେ ଶ୍ରୀ ନାୟକଙ୍କର ଆଲୁମିନିୟମ ସ୍ମେଲ୍‌ଟିଂ, କ୍ୟାପଟିଭ ପାୱାର ଉତ୍ପାଦନ ଏବଂ ଡାଉନଷ୍ଟ୍ରିମ୍ ବିନିର୍ମାଣ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ଗଭୀର ଅଭିଜ୍ଞତା ରହିଛି। ନିଜର



ବୁଦ୍ଧିମତା ଏବଂ ରଣକୌଶଳାତ୍ମକ ନେତୃତ୍ୱ ନିମନ୍ତେ ସୁପରିଚିତ ଶ୍ରୀ ନାୟକ ବିବିଧ ବୃହତ୍ ଶିଳ୍ପ ପ୍ରତିଷ୍ଠାନଗୁଡିକରେ ପରିଚାଳନାଗତ ଉତ୍କର୍ଷ, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତରଣ ପ୍ରୟାସସମୂହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଅପରପକ୍ଷେ ଇଣ୍ଡିଆନ୍ ମେଟାଲ୍ସ୍ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା)ର ସିଏଚ୍‌ଆରଓ ସଞ୍ଜୟ ଶତପଥୀଙ୍କୁ ଫିକି ଓଡ଼ିଶା ଷ୍ଟେଟ କାଉନସିଲ୍‌ର କୋ-ଚେୟାର ଭାବରେ ନିଯୁକ୍ତ କରାଯାଇଛି। ମାନବ ସମ୍ବଳ ପରିଚାଳନା ଏବଂ ସାଂଗଠନିକ ବିକାଶ କ୍ଷେତ୍ରରେ ତାଙ୍କର ନେତୃତ୍ୱକାରୀ ଅଭିଜ୍ଞତା କାଉନସିଲ୍‌ର ଶିଳ୍ପ ନିୟୋଜନତା କାର୍ଯ୍ୟକଳାପକୁ ଅଧିକ ମଜଭୁତ କରିବା ଆଶା କରାଯାଉଛି।

**ଯୁଦ୍ଧ ପ୍ରଭାବ**

# ପାକିସ୍ତାନରେ ଡିଜେଲ ୫୫%, ପେଟ୍ରୋଲ ୪୩% ମହଙ୍ଗା

ଇସ୍‌ଲାମାବାଦ୍, ୩।୪(ଏଜେନ୍ସି): ଇରାଡ଼୍ ଯୁଦ୍ଧ ପ୍ରଭାବରେ ପାକିସ୍ତାନରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସବୁଠାରୁ ମହଙ୍ଗା ହୋଇଛି। ପ୍ରଏହାଫଳରେ ତି ଲିଟର ପେଟ୍ରୋଲ ୪୫୮ ଟଙ୍କା ଏବଂ ଡିଜେଲ ୫୨୦ ଟଙ୍କା (ପାକିସ୍ତାନୀ ଟଙ୍କା)ରେ ପହଞ୍ଚିଛି। ସରକାର ପେଟ୍ରୋଲର ମୂଲ୍ୟ ୪୩% ଏବଂ ହାଇ-ସ୍ପିଡ୍ ଡିଜେଲ (ଏଚ୍‌ଏସ୍‌ଡି) ର ମୂଲ୍ୟ ୫୫% ବୃଦ୍ଧି କରିଛନ୍ତି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ମଧ୍ୟରାତ୍ରିରୁ ନୂତନ ଦର କାର୍ଯ୍ୟକାରୀ ହୋଇଛି। ପାକିସ୍ତାନରେ ପେଟ୍ରୋଲ ମୂଲ୍ୟ ୧୩୭.୨୩ ଟଙ୍କା ବୃଦ୍ଧି ପାଇ ୪୫୮.୪୧ ଟଙ୍କା ଏବଂ ଡିଜେଲ ୧୮୪.୪୯ ଟଙ୍କା ବୃଦ୍ଧି ପାଇ ୫୨୦.୩୫ ଟଙ୍କା ହୋଇଛି। କିରାସିନ ମୂଲ୍ୟ ମଧ୍ୟ ୩୪.୦୮ ଟଙ୍କା ବୃଦ୍ଧି ପାଇ ୪୫୭.୮୦ ଟଙ୍କା ପ୍ରତି ଲିଟରରେ ପହଞ୍ଚିଛି। ଗତ ମାସରେ ପେଟ୍ରୋଲ ଏବଂ ଡିଜେଲ ୫୫ ଟଙ୍କା ମହଙ୍ଗା ହୋଇଥିଲା। ସେତେବେଳେ ପେଟ୍ରୋଲର ମୂଲ୍ୟ ୩୨୧.୧୭ ଟଙ୍କା ଏବଂ ଡିଜେଲର ମୂଲ୍ୟ ୩୩୫.୮୬ ଟଙ୍କା ଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ଭାରତରେ ଗୋଟିଏ ପାକିସ୍ତାନୀ ଟଙ୍କା ୩୩ ପଇସା ସମାନ। ଏହାର ଅର୍ଥ ହେଉଛି ଭାରତରେ ୧୦୦ ଟଙ୍କା ପାକିସ୍ତାନରେ ପ୍ରାୟ ୩୦୦ ଟଙ୍କା। ମୂଲ୍ୟ ସନ୍ତୁଳନ ବଜାୟ ରଖିବା ପାଇଁ ସରକାର ପେଟ୍ରୋଲିୟମ ଟିକସ ହାରକୁ ମଧ୍ୟ ସଂଶୋଧନ କରିଛନ୍ତି। ପେଟ୍ରୋଲ ଉପରେ ଟିକସ ଲିଟର ପିଛା ୧୦୫ରୁ ୧୬୦ ଟଙ୍କା କୁ ବୃଦ୍ଧି କରାଯାଇଛି। ଡିଜେଲର ମୂଲ୍ୟରେ ତୀବ୍ର ବୃଦ୍ଧିକୁ ରୋକିବା ପାଇଁ, ପେଟ୍ରୋଲ ଉପରେ ଟିକସ ୫୫ ଟଙ୍କାରୁ ଶୂନ୍ୟକୁ ହ୍ରାସ କରାଯାଇଛି। ପାକିସ୍ତାନର ପେଟ୍ରୋଲିୟମ ମନ୍ତ୍ରୀ ଅଲି ପରଭେଜ ମାଲିକ ଏହି ନିଷ୍ପତ୍ତିକୁ ଏକ କଷ୍ଟକର ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ବଜାର ପରିସ୍ଥିତିକୁ ବିଚାର କରି ଏହି ପଦକ୍ଷେପ ଆବଶ୍ୟକ ଥିଲା। ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଏବଂ ଆର୍ଥିକ ସ୍ଥିରତା ବଜାୟ ରଖିବା। ମାଲିକଙ୍କ ଅନୁଯାୟୀ, ସରକାର ଏବେ କେବଳ ସେହି ବର୍ଗଗୁଡ଼ିକୁ ସବସିଡି ପ୍ରଦାନ କରିବେ ଯେଉଁମାନଙ୍କୁ ଏହାର ସବୁଠାରୁ ଅଧିକ ଆବଶ୍ୟକତା ଅଛି।

